## ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆ ।ବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହା ଉପରେ ରଖନ୍ତୁ।ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।



ଖବର

## ଦ୍ୱିତୀୟ ଥର ପାଇଁ ମା' ହେଲେ ସୋନମ କପୁର



ବଲିଉଡର ଫ୍ୟାଶନ ଆଇକନ୍ ସୋନମ କପୁରଙ୍କ ବଡ଼ ଖୁସି ଖବର ସାମ୍ନାକୁ ଆସିଛି । ସୋନମ କପୁର ଏବଂ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜା ପୁଣିଥରେ ବାପା-ମା ହୋଇଛନ୍ତି । ଗତକାଲି ସେମାନେ ସେମାନଙ୍କର ଦ୍ୱିତୀୟ ସନ୍ତାନକୁ ସ୍ୱାଗତ କରିଛନ୍ତି । ଏହି ଖୁସି ଖବରଟିକୁ ସୋନମ କପୁର ନିଜେ ଫ୍ୟାନ୍ସଙ୍କ ସହ ସୋସିଆଲ ମିଡିଆ ମାଧ୍ୟମରେ ଜଣାଇଛନ୍ତି । ଯାହା ପରେ ଆହୁଜା ପରିବାରକୁ ସମସ୍ତେ ଶୁଭେଚ୍ଛା ଜଣାଉଛନ୍ତି ।ସୋନମ କପୁର ତାଙ୍କର ଅଫିସିଆଲ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଦ୍ୱିତୀୟ ସନ୍ତାନର ଘୋଷଣା କରିଛନ୍ତି । ଏଥିସହ ଏକ ନୋଟ୍ ମଧ୍ୟ ସେୟାର କରିଛନ୍ତି । ଯେଉଁଥିରେ ଲେଖାଯାଇଛି ଯେ, ''ବହୁତ କୃତଜ୍ଞତା ଏବଂ ପ୍ରେମରେ ପରିପୂର୍ଣ୍ଣ ହୃଦୟ ସହିତ ୨୯ ମାର୍ଚ୍ଚ ୨୦୨୬ରେ ଆମେ ଘରକୁ ଦ୍ୱିତୀୟ ପୁତ୍ର ସନ୍ତାନକୁ ସ୍ୱାଗତ କରୁଛୁ ।''ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ, ''ଆମ ପରିବାର ଆହୁରି ବଡ଼ ହୋଇଯାଇଛି । ସେ ଆସିବା ଖୁସିରେ ଆମ ହୃଦୟ ଆହୁରି ଆନନ୍ଦରେ ଭରିଯାଇଛି । ବଡ଼ ପୁଅ ବାୟୁ ତାଙ୍କ ଛୋଟ ଭାଇକୁ ସ୍ୱାଗତ କରି ବହୁତ ଖୁସି ହୋଇଛନ୍ତି । ସେଥିପାଇଁ ଧନ୍ୟ ମନେ କରୁଛୁ । ଏହି ଖୁସି ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞ ।'' ସେପଟେ ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେଲିବ୍ରିଟି ଏବଂ ଫ୍ୟାନ୍ସଙ୍କ ଶୁଭେଚ୍ଛାର ସୁଅ ଛୁଟୁଛି ।ଯଦି ତାଙ୍କ ପ୍ରଥମ ସନ୍ତାନ କଥା କୁହାଯାଏ ତେବେ ସୋନମଙ୍କ ବିବାହର ଚାରି ବର୍ଷ ପରେ ଅଗଷ୍ଟ ମାସ ୨୦୨୨ରେ ପ୍ରଥମ ପୁଅ ବାୟୁକୁ ସ୍ୱାଗତ କରିଥିଲେ ଯ ପୁଣି ବାୟୁ ଆସିବାର ଚାରି ବର୍ଷ ପରେ ଦ୍ୱିତୀୟ ସନ୍ତାନକୁ ସେ ଜନ୍ମ ଦେଇଛନ୍ତି ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା



ଶ୍ରାବଣ ମାସ ଭଗବାନ ଶଙ୍କରଙ୍କ ପ୍ରିୟ ମାସ। ତେବେ ଭଗବାନଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।


ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

## ଘରର ପଶ୍ଚିମ ଦିଗରେ ରଖନ୍ତୁ ନାହିଁ ଏହି ସବୁ ଜିନିଷ



ପ୍ରତିଟି ଲୋକ ଘର ଭିତରେ ସକାରାତ୍ମକ ପରିବେଶ ଚାହିଁଥାନ୍ତି । ଏଥିପାଇଁ ବାସ୍ତୁ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଘର ଭିତରେ ସକାରାତ୍ମକ ପରିବେଶ ବଜାୟ ରଖିବା ପାଇଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ପ୍ରତ୍ୟେକ ଦିଗର ଭିନ୍ନ ଭିନ୍ନ ମହ□ ରହିଛି । ଦିଗର ମହ□ ଜାଣିବା ପରେ ହିଁ ଆମେ ଘରକୁ ବାସ୍ତୁ ଅନୁସାରେ ସଜାଡ଼ିବା ଉଚିତ ହେବ । ଫଳରେ ଘର ଭିତରେ ସକାରାତ୍ମକ ଚିନ୍ତାଧାରା ବଢିବା ସହ ନକାରାତ୍ମକ ଶକ୍ତି କମ୍ କରିପାରିବେ । ଚାଲନ୍ତୁ ଜାଣିବା ବିଶେଷକରି ପଶ୍ଚିମ ଦିଗ ବିଷୟରେ। ଏହି ଦିଗର ସ୍ୱାମୀ ବରୁଣ ଦେବ। ତାଙ୍କ ସହ ଶନିଙ୍କ ପ୍ରଭାବ ମଧ୍ୟ ରହିଥାଏ ଏହି ଦିଗ ଉପରେ। ଚାଲନ୍ତୁ ଦେଖିବା ପଶ୍ଚିମ ଦିଗରେ କ'ଣ ନ ରଖିବା ଦରକାର।

ରଖନ୍ତୁନି ଆକ୍ୱାରିୟମ୍: ପଶ୍ଚିମ ଦିଗରେ ଏପରି କୌଣସି ଜିନିଷ ରଖନ୍ତୁନି, ଯେଉଁଥିରେ ପାଣି ସାମିଲ୍ ରହିଥିବ। ଏହି ଦିଗରେ ଆକ୍ୱାରିୟମ୍ ବା ଫାଉଣ୍ଟେନ୍ ରଖିବା ଉଚିତ ନୁହେଁ । ନଚେତ୍ ଘର ଭିତରେ ନକାରାତ୍ମକ ଊର୍ଜ୍ଜା ବଢିଥାଏ।

ଭଗବାନଙ୍କ ଫଟୋ ରଖନ୍ତୁନି: ପଶ୍ଚିମ ଦିଗରେ କୌଣସି ଭଗବାନଙ୍କ ଫଟୋ ବା ତାଙ୍କ ସମ୍ବନ୍ଧୀୟ ଜିନିଷ ରଖିବା ଅନୁଚିତ। ପୂଜା ପାଇଁ ରଖାଯାଉଥିବା ଭଗବାନଙ୍କ ଫଟୋ ସବୁବେଳେ ପୂଜା ଘରେ ପୂର୍ବ ଆଡକୁ ମୁହଁ କରି ରଖିବା ଉଚିତ।

ତୁଳସୀ ରଖାଯାଏନା: ପ୍ରାୟ ଲୋକ ନିଜ ଘରେ ଭିନ୍ନ ଭିନ୍ନ ପ୍ରକାରର ଗଛ ଲଗାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପଶ୍ଚିମ ଦିଗରେ କେବେ ବି ତୁଳସୀ ଗଛ ରଖିବା ଅନୁଚିତ । ବାସ୍ତୁ ଅନୁସାରେ ତୁଳସୀ ଗଛ ସର୍ବଦା ପୂର୍ବ ଦିଗ ଆଡ଼କୁ ରଖିବା ଦରକାର ।

ବଡ଼ ଝରକା ରଖନ୍ତୁନି: ଘରକୁ ବାୟୁ ଚଳାଚଳ କରିବା ପାଇଁ ବଡ଼ ବଡ଼ ଝରକା ରଖିବା ଉଚିତ କିନ୍ତୁ ପଶ୍ଚିମ ଦିଗରେ ଝରକା ବା କବାଟ ରଖିବା ଅନୁଚିତ। ଯଦି ବଡ଼ ଝରକା ରହିଥାଏ, ତେବେ ଏହାକୁ ପରଦା ଦେଇ ବନ୍ଦ କରିଦିଅନ୍ତୁ ।

କରନ୍ତୁନି ପିଲାଙ୍କ ପଢାଘର: ଆଜିକାଲି ସମସ୍ତଙ୍କ ଘରେ ପିଲାଙ୍କ ପଢିବା ପାଇଁ ଗୋଟିଏ ଲେଖାଁଏ ପଢା ଘର ରହୁଛି । ତେବେ ଏହି ପଢା ଘରକୁ ମଧ ପଶ୍ଚିମ ଦିଗରେ ରଖିବା ଅନୁଚିତ। ପଢା ଘର ସବୁବେଳେ ପୂର୍ବ ଦିଗରେ କରନ୍ତୁ, ଯାହା ପିଲାଙ୍କ ପାଇଁ ତଥା ଘର ପାଇଁ ଭଲ ହୋଇଥାଏ ।

## ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ। ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ।

ମାନସିକ ସନ୍ତୁଳନ:
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ। ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି।

ଥକ୍କାପଣ ଦୂର କରିଥାଏ :
ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ। ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ।

ଶ୍ୱାସ ରୋଗ:
ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ। ହସ୍ତରେ ସୁନା, ରୂପା , କାଚ ଆ।ଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ।

ହରମୋନ ସନ୍ତୁଳନ କରିଥାଏ :
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ।

ରକ୍ତ ପ୍ରବାହ :
ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୂଚାରୁ ରୂପେ କରିଥାଏ।



## ଅଧର୍ମୀଙ୍କୁ ବିନାଶ କରି ଧର୍ମ ପ୍ରତିଷ୍ଠା

ଧର୍ମାତ୍ମା ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କ ପାଇଁ ଧମାଚରଣର ଚିହ୍ନ ଅଙ୍କିତ କରିଚାଲିବ । ସେ ବ୍ୟକ୍ତିଗତ ଜୀବନରେ ଅନ୍ୟାୟ କରିବ ନାହିଁ କିମ୍ବା ଅନ୍ୟାୟ ସହିବ ନାହିଁ । ସେ ସାମାଜିକ ଜୀବନରେ ମଧ କୌଣସି ଅନ୍ୟାୟ କରିବ ନାହିଁ । ଯେଉଁ



ଦିଗରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସାର ବ୍ୟବସ୍ଥା ଥିବ ସେ ସେହି ଦିଗ ପ୍ରତି ଗୁରୁତ୍ୱଦେବ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ସେ ସମୟରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା। ଛୋଟ ଛୋଟ ରାଜ୍ୟ କେବଳ ପରସ୍ପର ସହ କ୍ଷମତା ପାଇଁ ସଂଘର୍ଷ କରୁଥିଲେ। ଚାରିଆଡ଼େ ଅଧର୍ମ ଖେଳିଯାଇଥିଲା। କେହି କାହାରିକୁ ସହିପାରୁନଥିଲେ। ଯୁଦ୍ଧ ଏବଂ ସଂଘର୍ଷରେ ସର୍ବଦା ବ୍ୟସ୍ତ ରହୁଥିବାରୁ ଲୋକ କଲ୍ୟାଣ ପାଇଁ ରାଜାମାନେ ଗୁରୁତ୍ୱ ଦେଉନଥିଲେ । ତତ୍କାଳୀନ ରାଜାମାନେ ସାମ୍ରାଜ୍ୟବିସ୍ତାର ଲାଳସାରେ ନାନା ଅଧର୍ମ କରୁଥିଲେ । ସର୍ବଦା ଯୁଦ୍ଧ ଲାଗି ରହୁଥିବାରୁ ଧନଜୀବନ ବିପନ୍ନ ହେଉଥିଲା । ବଡ଼ ରାଜାମାନେ ଅତ୍ୟାଚାରୀ ହୋଇପଡ଼ିଥିଲେ। ଛୋଟ ରାଜାମାନେ ଆତ୍ମରକ୍ଷା କରିବାରେ ଅସମର୍ଥ ଥିଲେ, ତେଣୁ ଜନକଲ୍ୟାଣ କରିବା ମଧ୍ୟ ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ସମସ୍ତଙ୍କୁ ଏକ ଗୋଟିଏ ସୂତ୍ରରେ ବାନ୍ଧି ଧର୍ମରାଜ୍ୟ ସ୍ଥାପନ କରିବା ଜରୁରୀ ହୋଇପଡ଼ିଥିଲା। ଖଣ୍ଡ ଖଣ୍ଡ ହୋଇ ବିଭାଜିତ ଭାରତକୁ ଏକତ୍ର କରିବା, ଏବଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କରି ମନୁଷ୍ୟଜାତିକୁ ଏକ ନୂତନ ପଥ ଦେଖାଇବା ଉଦ୍ଦେଶ୍ୟରେ ଭଗବାନ ଶ୍ରୀକୃଷ୍ଣ ଗୁରୁଦାୟିତ୍ୱ ବହନ କରିଥିଲେ।

ସେ ପ୍ରଥମେ ସମସ୍ତ ଧର୍ମବୁଦ୍ଧି ସମ୍ପନ୍ନ ରାଜା ଏବଂ ସାଧାରଣ ଜନତାଙ୍କୁ ଏକତ୍ର କରିବାର ପ୍ରୟାସ କରିଥିଲେ । ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ ଆଦି ଛୋଟ ଛୋଟ ରାଜ୍ୟକୁ ଗୋଟିଏ ସାମ୍ରାଜ୍ୟ ଅଧୀନକୁ ଆଣି ଏକ ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ। ଏହାଦ୍ୱାରା ରାଜାମାନେ ଏକତ୍ରିତ ହୋଇଥିଲେ । ନୂଆ ଆଦର୍ଶ ନେଇ ଆସିବାରୁ କିଛି ଲୋକ ଶ୍ରୀକୃଷ୍ଣଙ୍କ ସମର୍ଥନ କଲେ ଏବଂ ଅନ୍ୟ କିଛି ଲୋକ ତାଙ୍କୁ ଘୋର ବିରୋଧ କଲେ । ଏହାପରେ ଶ୍ରୀକୃଷ୍ଣ ମହାଭାରତ ଭଳି ମହାଯୁଦ୍ଧର ସର୍ଜନା ଆରମ୍ଭ କଲେ। ଅଧର୍ମୀଙ୍କ ବିନାଶ କରିବା ସହ ଧର୍ମ ପ୍ରତିଷ୍ଠା କରିବା ଏବଂ ଜନକଲ୍ୟାଣ ପାଇଁ ସମୃଦ୍ଧ ରାଷ୍ଟ୍ରଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ଧର୍ମଯୁଦ୍ଧରେ ଅଧର୍ମୀଙ୍କ ପରାଜୟ ହେଲା। ଯୁଧିଷ୍ଠିର ଧର୍ମରାଜ୍ୟ ସ୍ଥାପନ କଲେ । ଶ୍ରୀକୃଷ୍ଣ ନିଃସନ୍ଦେହରେ ଧର୍ମଗୁରୁ ଥିଲେ। ସେ ଧର୍ମତତ୍ତ୍ୱ ଜ୍ଞାନ ସାରା ସଂସାରକୁ ଦେଇଗଲେ। ଧର୍ମପଥରେ ଚାଲିବାର ପ୍ରେରଣା ପ୍ରଦାନ କରି ସେ ମାନବ ଜଗତର ଉଦ୍ଧାର କରିଥିଲେ ।

# ଦେଶର ୪୦% ଜନସଂଖ୍ୟା ବିନା ଲକ୍ଷଣରେ ଯକ୍ଷ୍ମା ରୋଗରେ ପୀଡ଼ିତ

**ଭୁବନେଶ୍ୱର, ୩୦।୩ (ମହାଭାରତ):** ଦେଶର ୪୦ ପ୍ରତିଶତ ବ୍ୟକ୍ତି ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ବେଳେ ସେମାନଙ୍କ ଠାରେ କୌଣସି ଲକ୍ଷଣ ଦେଖାଦେଉ ନଥିବାରୁ ସେମାନଙ୍କ ଚିକିତ୍ସା ସମ୍ଭବପର ହେଉ ନାହିଁ। ଏଥି ସହିତ ଏହି ରୋଗକୁ ଏକ ସାମାଜିକ କଳଙ୍କ ବୋଲି ଅନେକ ଭ୍ରାନ୍ତ ଧାରଣା ରହିଥିବାରୁ ପୀଡ଼ିତ ବ୍ୟକ୍ତି ଚିକିତ୍ସା ପାଇଁ ଆଗଭର ହେଉ ନାହାଁନ୍ତି। ତେବେ ଉପଯୁକ୍ତ ଚିକିତ୍ସା ଦ୍ୱାରା ଯକ୍ଷ୍ମା ନିରାକରଣ ହୋଇପାରିବ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ (ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ)ର ପିଜି ଡିପାର୍ଟମେଂଟ ଅଫ୍ ପଲ୍‌ମୋନାରି ମେଡିସିନ୍ ବିଭାଗ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ଆୟୋଜିତ ସିଏମଇରେ ଶନିବାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପଲମୋନାରୀ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସୁଦର୍ଶନ ପୋଥାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ ଯଦିଓ ଆମ ସମାଜରେ ଆଜି ବି ଏହାକୁ ଏକ ସାମାଜିକ କଳଙ୍କ ଭାବେ ବିବେଚନା କରାଯାଉଛି ତେବେ ଏହାର ଲକ୍ଷଣକୁ ନ ଲୁଚାଇ ଉପଯୁକ୍ତ ଚିକିତ୍ସା କରାଇବା ସହ ଔଷଧ ସେବନ କଲେ ରୋଗୀଟି ଆରୋଗ୍ୟ ଲାଭ କରିପାରିବ। ଯକ୍ଷ୍ମା ମୁକ୍ତ ଭାରତ ନିମନ୍ତେ ସାମାଜିକ ସ୍ତରରେ ସଚେତନତାର ଆବଶ୍ୟକତା ରହିଥିବା ସେ କହିଥିଲେ।



ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗର ଚିହ୍ନଟ ସହିତ ସେମାନଙ୍କୁ କିପରି ସଠିକ୍ ଭାବରେ ଚିକିତ୍ସା ପ୍ରଦାନ କରାଯାଇପାରିବ ସେଥି ନିମନ୍ତେ ସମ ହସ୍ପିଟାଲରେ ଖୁବ ଶୀଘ୍ର ଏକ ମଲ୍ଟି ଡ୍ରଗ୍ ରେଜିଷ୍ଟାନ୍ସ ଟିବି ୱାର୍ଡ଼ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ଏଥି ସହିତ ଟିବିକୁ ରୋକିବା ନିମନ୍ତେ କେବଳ ଡାକ୍ତର ନୁହଁନ୍ତି ବରଂ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବା ଜରୁରୀ ବୋଲି ସେ କହିଥିଲେ। ୨୦୩୬ ସୁଦ୍ଧା ସାରା ବିଶ୍ୱକୁ କିପରି ଟିବି ମୁକ୍ତ କରାଯାଇ ପାରିବ ତାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ମୂଳ ଲକ୍ଷ୍ୟ ରହିଛି। ନ୍ୟାସ୍‌ନାଲ୍ ଟିବି ଇରାଡିକେସନ୍ ପ୍ରୋଗ୍ରାମ୍ ମାଧ୍ୟମରେ ବିଭିନ୍ନ କଲେଜ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଟ୍ୟୁବରକ୍ୟୁଲୋସିସ୍ (ଟିବି) ଏବଂ ଏକ୍ସଟ୍ରା ପଲମୋନାରୀ ଟ୍ୟୁବରକ୍ୟୁଲୋସିସ୍(ଟିବି) ରୋଗର ଲକ୍ଷଣ ଓ ଚିହ୍ନଟ ଉପାୟ ଜାଣି ସଠିକ୍ ସମୟରେ ରୋଗୀର ଉପଯୁକ୍ତ ଚିକିତ୍ସା କରାଯାଇପାରିବ ବୋଲି ସେ କହିଥିଲେ। ଚଳିତ ବର୍ଷର ଥିମ୍ 'ୟେସ ! ୱି କ୍ୟାନ୍ ଏଣ୍ଡ ଟିବି: 'ଲିଡ୍ ବାଏ କନ୍‌ଟ୍ରିଜ୍, ପାୱାର୍ଡ୍ ବାଏ ପିପଲ'ର ମୂଳ ଉଦ୍ଦେଶ୍ୟ ବିଷୟରେ ସେ ବ୍ୟାଖ୍ୟା କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମ ଓ ଉପଯୁକ୍ତ ପନ୍ଥା ପ୍ରସ୍ତୁତ କରାଗଲେ ଟିବି ହାରିବ ଓ ଦେଶ ଜିତିବ ବୋଲି କହିଥିଲେ। ସାରା ଓଡିଶାରେ ସମ୍ ହସ୍ପିଟାଲ୍‌କୁ ଆସୁଥିବା ଟିବି ରୋଗୀ ଅଧିକ ମାତ୍ରାରେ ଉପଯୁକ୍ତ ଚିକିତ୍ସା ଲାଭ କରି ସୁସ୍ଥ ହୋଇ ଘରକୁ ଫେରୁଛନ୍ତି ବୋଲି ସେ କହିଥିଲେ।

# ହନୁମାନ ମନ୍ଦିର ନିର୍ମାଣ ଓ ପ୍ରାଣ ପ୍ରତିଷ୍ଠା

**ଭୁବନେଶ୍ୱର, ୩୦।୩ (ମହାଭାରତ):** କେ-୧ ଜେମ୍ସ ସିୟାରାମ ଟ୍ରଷ୍ଟଙ୍କ ପକ୍ଷରୁ କେ-୧ ଜେମ୍ସ ପାର୍କ ପରିସରରେ ନବନିର୍ମିତ ହନୁମାନ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଅବସରରେ ଆୟୋଜିତ ଚାରିଦିନିଆ ଧାର୍ମିକ ମହୋତ୍ସବ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ଭବ୍ୟ ଭାବେ ରାମ ନବମୀ ଅବସରରେ ପ୍ରାଣ ପ୍ରତିଷ୍ଠା ପୂର୍ଣ୍ଣାହୁତି ସହ ଶୁଭ ସମାପ୍ତି ପାଇଛି। ଏହି ଚାରିଦିନିଆ କାର୍ଯ୍ୟକ୍ରମର ଆରମ୍ଭ ୨୪ ମାର୍ଚ୍ଚ ତାରିଖରେ ଅଙ୍କୁର ରୋପଣ ଆଚାର ସହ ହୋଇଥିଲା। ୨୫ ମାର୍ଚ୍ଚ ଦିନ କଳଶ ଯାତ୍ରା, ସୂର୍ଯ୍ୟ ପୂଜା, ଗୋ ପୂଜା, ଶାଳା ପ୍ରବେଶ, ଅଗ୍ନି ସ୍ଥାପନ ଇତ୍ୟାଦି ବିଭିନ୍ନ ବୈଦିକ ଆଚାର ବିଧି ଭକ୍ତିଭାବରେ ପାଳନ କରାଯାଇଥିଲା। ୨୬ ମାର୍ଚ୍ଚ ଦିନ ମନ୍ଦିର ପ୍ରତିଷ୍ଠା, ତ୍ରିଶୂଳ ଓ କଳଶ ପ୍ରତିଷ୍ଠା, ଏବଂ ହୋମ ଓ ଆହୁତି ସମ୍ପନ୍ନ ହୋଇଥିଲା। ଶେଷ ଦିନ ୨୭ ମାର୍ଚ୍ଚରେ ସୂର୍ଯ୍ୟ ପୂଜା, ଶ୍ରୀରାମ ପୂଜା ଏବଂ ପ୍ରାଣ ପ୍ରତିଷ୍ଠା ପୂର୍ଣ୍ଣାହୁତି ଶାସ୍ତ୍ରୋକ୍ତ ଭାବେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

ପ୍ରତିଦିନ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା ଏବଂ ଶେଷ ଦିନ ନିକଟତମ ବିଭିନ୍ନ ପ୍ରାନ୍ତ ଯଥା କେ-୧ କେ - ୮, ନୂଆଗାଁ ଇତ୍ୟାଦି ରୁ ପ୍ରାୟ ୧୨୦୦ରୁ ଅଧିକ ଭକ୍ତମାନେ ଯୋଗଦେଇ ଦେବଦର୍ଶନ କରିଥିଲେ। ମହୋତ୍ସବର ଏକ ବିଶେଷ ଆକର୍ଷଣ ଥିଲା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ। ଓଡିଶା ସଙ୍ଗୀତ ମଞ୍ଚ ପକ୍ଷରୁ ଆୟୋଜିତ ଏହି ଭକ୍ତିମୟ ସଙ୍ଗୀତାନୁଷ୍ଠାନ ରାଜକିଶୋର ଗୋଚ୍ଛାୟତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହ ରେ ବିଭିନ୍ନ ବିଶିଷ୍ଟ ଗାୟକ ଗାୟିକାଙ୍କ ସହିତ ଆକାଶବାଣୀ ଓ ଦୂରଦର୍ଶନର ପ୍ରଖ୍ୟାତ ଶିଳ୍ପୀ ଡ଼ଃ ଗୀତା ମଞ୍ଜରୀ ବେହେରା ତାଙ୍କ ମଧୁର କଣ୍ଠରେ ଅନେକ ଭକ୍ତିମୟ ଗୀତ ପ୍ରସ୍ତୁତ କରି ଉପସ୍ଥିତ ଭକ୍ତମାନଙ୍କୁ ମନୋମୁଗ୍ଧ କରିଥିଲେ ଓ ସମଗ୍ର ପରିବେଶକୁ ଆଧ୍ୟାତ୍ମିକ ଭାବେ ମଧୁର କରିଦେଇଥିଲେ। ମହୋତ୍ସବର ସଫଳ ଆୟୋଜନ ପାଇଁ ସ୍ଥାନୀୟ କେ-୧ ଅଂଚଳର ସମସ୍ତ ବାସିନ୍ଦାଙ୍କ ନିରନ୍ତର ସହଯୋଗ, ସମର୍ପଣ ଓ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ପ୍ରଶଂସନୀୟ।

# ଏପ୍ରିଲ ୧ରୁ ୫-ଦିନିଆ 'ପଖାଳ ଉତ୍ସବ'

**ଭୁବନେଶ୍ୱର, ୩୦।୩ (ମହାଭାରତ):** ପ୍ରତ୍ୟେକ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ସ୍ୱାଦ ନେବା ସହ ଏହାର ପ୍ରଚାର ଓ ପ୍ରସାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସଏଚ୍‌ଏମ୍) ପକ୍ଷରୁ ଆସନ୍ତା ଏପ୍ରିଲ ୧ ତାରିଖରୁ ଏକ ୫ ଦିନିଆ ପଖାଳ ଉତ୍ସବର ଆୟୋଜନ କରାଯାଇଛି।



ପ୍ରତ୍ୟେକ ବର୍ଷ ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ଏହି ଉତ୍ସବର ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ମଧ୍ୟ ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଆୟୋଜିତ ହେବ। ଓଡ଼ିଶାର ପଖାଳ ପ୍ରେମୀମାନଙ୍କ ନିମନ୍ତେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ପ୍ରକାରର ପଖାଳ ଯଥା ଦହି ପଖାଳ, ଛୁଙ୍କ ପଖାଳ, ଲେମ୍ବୁ ପଖାଳ, ଆମ୍ବ ପଖାଳ, ଅଦା ପଖାଳ ସହିତ ଶାଗ ଭଜା, ବଡ଼ିଚୁରା, ଟମାଟୋ ଚଟଣୀ, ମାଛ ଭଜା, ଶୁଖୁଆ ଭଜା, ଛତୁ ପତ୍ରପୋଡ଼ା, ଚିଙ୍ଗୁଡ଼ି ଛେଚା, ମାଛ କଲିଆ, ଛେନା ଭର୍ତ୍ତା, ଚୁନାମାଛ ଭଜା, କୁକୁଡ଼ା ମାଂସ କଷା, ପୋହଳା ମାଛ ଭଜା, ଚିଙ୍ଗୁଡ଼ି ଝରଝରି ସହିତ ପଣଷ କଠା ପିଠଉ ଭଜା, ଗୋଟା ଭେଣ୍ଡି, ପୋଡ଼ା ଆଳୁ ଭର୍ତ୍ତା, ଆଳୁ ବାଇଗ, ନଡ଼ିଆ ଭଜା, ଆମ୍ବ ଛେଚା ଓ ଆଳୁ କଲରା ବାଟି ତରକାରୀ ଭଳି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପରଷା ଯିବ ବୋଲି ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସୂଚନା ଦେଇଛନ୍ତି।।

ଏହି ଉତ୍ସବ ଉତ୍କଳ ଦିବସ ଠାରୁ ପାଂଚ ଦିନ ପର୍ଯ୍ୟନ୍ତ ଏସ୍‌ଏଚ୍‌ଏମ୍ ପରିସରରେ ଅନୁଷ୍ଠିତ ହେବ। ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାଙ୍ଗକୁ ସେମାନେ ପାରମ୍ପରିକ ବେଶଭୁଷା ପରିଧାନ କରି ଖାଦ୍ୟ ପରଷିବେ। ପ୍ରତ୍ୟେକ ଦିନ ୧୨ ଟାରୁ ୩ ଟା ପର୍ଯ୍ୟନ୍ତ ପଖାଳ ପରଷା ଯିବ।

# ତାଳଚେର ଷ୍ଟେସନରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା

**ଭୁବନେଶ୍ୱର, ୩୦।୩ (ମହାଭାରତ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ମଞ୍ଚେଶ୍ୱର ରେଳ ଷ୍ଟେସନରୁ ତାଳଚେର ଏବଂ ତାଳଚେରରୁ ବଳରାମ ଏବଂ ଅନୁଗୁଳ ପର୍ଯ୍ୟନ୍ତ ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରି ରେଳପଥ ପରିଚାଳନା, ଭିତ୍ତିଭୂମି ବିକାଶ, ଟ୍ରାକର ଅବସ୍ଥା, ସିଗନାଲିଂ ସିଷ୍ଟମ, ସୁରକ୍ଷା ମାନଦଣ୍ଡ, ଷ୍ଟେସନ ଭିତ୍ତିଭୂମି, ଯାତ୍ରୀ ସୁବିଧା, ପଣ୍ୟ ପରିବହନ ବ୍ୟବସ୍ଥା ଏବଂ ଏହି ସେକ୍ସନରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ସହିତ ସେ ସୁରକ୍ଷା, ପରିଚାଳନାଗତ ଦକ୍ଷତା ଏବଂ ଯାତ୍ରୀ ସୁବିଧା ଗୁଡିକର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ତାଳଚେର ରେଳ ଷ୍ଟେସନରେ ଶ୍ରୀ ପରମେଶ୍ୱର ଫଙ୍କୱାଲ ଷ୍ଟେସନ ପରିସର ଯାଞ୍ଚ କରିଥିଲେ ଏବଂ ବିଭିନ୍ନ ଯାତ୍ରୀ କୈନ୍ଦ୍ରିକ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପ୍ଲାଟଫର୍ମ ଅବସ୍ଥା, ପ୍ରତୀକ୍ଷାଳୟ ଭଳି ସୁବିଧା ଏବଂ ସୁରକ୍ଷା ବ୍ୟବସ୍ଥା ଗୁଡିକର ସମୀକ୍ଷା କରିଥିଲେ। ନିରୀକ୍ଷଣ ସମୟରେ, ମହାପ୍ରବନ୍ଧକ ଯାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଷ୍ଟେସନ ମିଳୁଥିବା ବିଭିନ୍ନ ସୁବିଧା ଏବଂ ସେବା ସମ୍ପର୍କରେ ସେମାନଙ୍କର ମତାମତ ମଧ୍ୟ ନେଇଥିଲେ। ସମସ୍ତ ଯାତ୍ରୀ ସୁବିଧା ଏବଂ ରେଳ ସମ୍ପତ୍ତିକୁ ସୁରକ୍ଷିତ, ଦକ୍ଷ ଏବଂ ଯାତ୍ରୀ-ଅନୁକୂଳ ବ୍ୟବହାର ବଜାୟ ରଖିବାକୁ ମହାପ୍ରବନ୍ଧକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଚାଲୁଥିବା ବିଭିର୍ଣ୍ଣ ବିକାଶମୂଳକ ଏବଂ ଷ୍ଟେସନ ଉନ୍ନୟନ କାର୍ଯ୍ୟ ଗୁଡିକୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି ମଧ୍ୟ ଅଧିକାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ, ନିର୍ଭରଯୋଗ୍ୟ ଟ୍ରେନ ପରିଚାଳନା, ଉନ୍ନତ ଯାତ୍ରୀ ସୁବିଧା, ସୁଗମ ପଣ୍ୟ ପରିବହନ ଏବଂ ବିକାଶମୂଳକ କାର୍ଯ୍ୟର ସମୟୋଚିତ ଅଗ୍ରଗତି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ନିରୀକ୍ଷଣ ସମୟରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ।



# ମୋଦୀ ସରକାରଙ୍କ ନିଷ୍ପତ୍ତି ସମୟୋଚିତ ଓ ସାହସିକ

**ଭୁବନେଶ୍ୱର, ୩୦।୩ (ମହାଭାରତ):** ପଶ୍ଚିମ ଏସିଆରେ ବଢୁଥିବା ଭୂ-ରାଜନୈତିକ ତିକ୍ତତା ଏବଂ ବିଶ୍ୱ ଉର୍ଜା ବଜାରରେ ଦେଖାଦେଇଥିବା ଅସ୍ଥିରତା ମଧ୍ୟରେ ଭାରତ ସରକାରଙ୍କ ଜନକଲ୍ୟାଣକାରୀ ପଦକ୍ଷେପକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଚ୍ଚ ପ୍ରଶଂସା କରିଛନ୍ତି। ପେଟ୍ରୋଲ ଓ ଡିଜେଲ ଉପରୁ କେନ୍ଦ୍ରୀୟ ଅବକାରୀ ଶୁଳ୍କ ହ୍ରାସ ଏବଂ ବାଣିଜ୍ୟିକ କ୍ଷେତ୍ର ପାଇଁ ଏଲପିଜି ଆବଂଟନ ବୃଦ୍ଧି ନିଷ୍ପତ୍ତିକୁ ସେ ଏକ 'ସମୟୋଚିତ ଓ ସାହସିକ' ପଦକ୍ଷେପ ଭାବେ ଅଭିହିତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଲିଟର ପିଛା ୧୦ ଟଙ୍କା ହ୍ରାସ କରିବା ଦ୍ୱାରା ଦେଶର ମଧ୍ୟବିତ୍ତ ପରିବାର, ସାଧାରଣ ଉପଭୋକ୍ତା ଏବଂ ବ୍ୟବସାୟୀମାନେ ବିଶେଷ ଭାବେ ଉପକୃତ ହେବେ। ଏହି ନିର୍ଣ୍ଣାୟକ ପଦକ୍ଷେପ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ଏବଂ ଦେଶର ଆର୍ଥିକ ସ୍ଥିରତା ବଜାୟ ରଖିବାରେ ମାଇଲଖୁଂଟ ସାବ୍ୟସ୍ତ ହେବ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେଉଥିବା ବେଳେ, ବାଣିଜ୍ୟିକ ଏଲପିଜି ଆବଂଟନକୁ ସଙ୍କଟ ପୂର୍ବ ସ୍ଥିତିର ୨୦ ପ୍ରତିଶତ ଅତିରିକ୍ତ ସହ ୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ଏକ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି। ଏହା ଦ୍ୱାରା ଇସ୍ପାତ, ବୟନ ଶିଳ୍ପ, କେମିକାଲ୍ସ ଏବଂ ଅଟୋମୋବାଇଲ୍ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ଅଧିକ କ୍ରିୟାଶୀଳ ହେବ। ଶ୍ରମ-ଭିତ୍ତିକ ଶିଳ୍ପଗୁଡ଼ିକୁ ସହାୟତା ମିଳିବା ସହ ଅର୍ଥନୈତିକ ଗତିଶୀଳତା ବଜାୟ ରହିବ। ମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ଡିଜେଲ ଏବଂ ବିମାନ ଇନ୍ଧନ ବା ଏଟିଏଫ ଉପରେ ରପ୍ତାନି ଶୁଳ୍କ ଧାର୍ଯ୍ୟ କରିବା ଦେଶର ଉର୍ଜା ସୁରକ୍ଷା ଏବଂ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବାର ଏକ ସ୍ପଷ୍ଟ ପ୍ରମାଣ। ଯେଉଁ ସମୟରେ ବିଶ୍ୱର ଅନେକ ଦେଶ ଶକ୍ତି ସଙ୍କଟ ଓ ବର୍ଦ୍ଧିତ ମୂଲ୍ୟ ଯୋଗୁଁ ସଂଘର୍ଷ କରୁଛନ୍ତି, ଭାରତର ଏହି ସନ୍ତୁଳିତ ଆଭିମୁଖ୍ୟ ପ୍ରଧାନମନ୍ତ୍ରୀଙ୍କ ଦକ୍ଷ ନେତୃତ୍ୱକୁ ଦର୍ଶାଉଛି। ଉର୍ଜା କ୍ଷେତ୍ରରେ ଏହି ସଂସ୍କାରମୂଳକ ନିଷ୍ପତ୍ତି ପାଇଁ ସେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ହରଦୀପ ସିଂହ ପୁରୀଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ମୋଦୀ ସରକାର ସଦାସର୍ବଦା ଦେଶର ଉର୍ଜା ସୁରକ୍ଷା ଏବଂ ଜନସାଧାରଣଙ୍କ ଜୀବନଧାରଣର ମାନକୁ ସହଜ କରିବା ପାଇଁ ବଦ୍ଧପରିକର ବୋଲି ଶ୍ରୀ ପ୍ରଧାନ ନିଜ ବାର୍ତ୍ତାରେ ପ୍ରକାଶ କରିଛନ୍ତି।

# ଗଂଜାମ ଜିଲ୍ଲା ହୋମଗାର୍ଡ ପରୀକ୍ଷାରେ ମହାଦୁର୍ନୀତି

**ଭୁବନେଶ୍ୱର, ୩୦।୩ (ମହାଭାରତ):** ଗଞ୍ଜାମ ଜିଲା ହୋମଗାର୍ଡ ପରୀକ୍ଷା ଫଳାଫଳ ପ୍ରକାଶନରେ ଆଉ ଏକ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଛି। ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା, ଗଂଜାମ ଏସ୍ ?ପିଙ୍କୁ ପ୍ରଶ୍ନ କରି କହିଛନ୍ତି ଯେ, ଗତ ୨୬ ତାରିଖରେ ଜିଲା ହୋମ୍‌ଗାର୍ଡ କମାଣ୍ଡାଂଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ସଂଖ୍ୟା ୧୬୫/ ଏଚଜିଏସ୍ ହୋମଗାର୍ଡ ମେଧା ତାଲିକା ପ୍ରକାଶିତ ହୋଇଥିଲା। ରାଜ୍ୟ ହୋମଗାର୍ଡ ନିର୍ଦ୍ଦେଶାଳୟର ଅନୁମୋଦନକ୍ରମେ ୧୩୫ ଜଣଙ୍କୁ ୩ ବର୍ଷ ପାଇଁ ଅସ୍ଥାୟୀ ଭାବେ ହୋମଗାର୍ଡ ରୂପେ ଚୟନ କରାଯାଇଥିବା ସମ୍ପର୍କିତ ଆଉ ଏକ ତାଲିକା ଏସ୍‌ପି ନିଜ ଇନ୍ ?ଷ୍ଟାଗ୍ରାମ ଆକାଉଣ୍ଟରେ ସମାନ ଚିଠି ନମ୍ବର ଥାଇ ଭିନ୍ନ ଏକ ଫଳାଫଳ ସୂଚୀ ପ୍ରକାଶ କରିଥିଲେ। ଏଠି ପ୍ରଶ୍ନ ଉଠୁଛି କେଉଁ ଫଳାଫଳଟି ଠିକ୍, ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ଏହା ଉପରେ ସ୍ପଷ୍ଟିକରଣ ଦିଅନ୍ତୁ। ଓଡିଶାର ଡିଜିପି ଏହି ପରୀକ୍ଷାର ସଂପୂର୍ଣ୍ଣ ପ୍ରକ୍ରିୟା ଉପରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି କି ନାହିଁ ତାହା ସ୍ପଷ୍ଟ କରନ୍ତୁ। ସର୍ବୋପରି ଯେହେତୁ ଏସପିଙ୍କ ଇନ୍‌ଷ୍ଟାଗ୍ରାମରେ ଭିନ୍ନ ଏକ ଫଳାଫଳ ସୂଚୀ ପ୍ରକାଶ ପାଇଛି, ତେଣୁ ସେ ନିଜେ ଏହି ସଂପୂର୍ଣ୍ଣ ଘଟଣା ଉପରେ ସ୍ପଷ୍ଟିକରଣ ରଖିବାର ଆବଶ୍ୟକତା ଅଛି।



ଶ୍ରୀ ପଣ୍ଡା ଆହୁରି ମଧ୍ୟ କହିଛନ୍ତି, ଓଡିଶାରେ ଯୁବକଯୁବତୀ ଡବଲ ଇଂଜିନ ସରକାର ଆସିବା ପରଠୁ ପ୍ରତିଦିନ ଚାକିରି କ୍ଷେତ୍ରରେ ପ୍ରତାରିତ ହେଉଛନ୍ତି। ଏହାପୂର୍ବରୁ ୨୦ ମାସର ଏ ସରକାରରେ ୨୦ ପରୀକ୍ଷାରେ ମହାବିଭ୍ରାଟ ହେଉଥିଲା। ଏହା ସହିତ ଆଉ ଏକ ମହାଦୁର୍ନୀତିର ଫର୍ଦ ଯୋଡି ହୋଇଗଲା। ଯେଉଁଥିରେ ପ୍ରତି ହୋମଗାର୍ଡ ପରୀକ୍ଷାର୍ଥୀଙ୍କ ଠାରୁ ୩ଲକ୍ଷ ଟଙ୍କା ଲାଂଚ କାରବାର ହୋଇଛି। ପୂର୍ବରୁ ଏସ୍‌ଆଇ ସ୍କାମରେ ମଧ୍ୟ ୨୫ ଲକ୍ଷ ଟଙ୍କା ଲାଂଚ କାରବାର ହୋଇଥିଲା। ଯାହାର ସତ୍ୟାସତ୍ୟ ଆଜି ପର୍ଯ୍ୟନ୍ତ ଓଡିଶାବାସୀ ପାଇଲେ ନାହିଁ। ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ପରୀକ୍ଷା ସଂପର୍କିତ ମହାଦୁର୍ନୀତି ହୋଇଛି। ଆଗାମୀ ଦିନରେ ଯଦି ସରକାର ଏହା ଉପରେ ସ୍ପଷ୍ଟିକରଣ ନଦେଇ କାର୍ଯ୍ୟାନୁଷ୍ଠାନ ନେବେ ନାହିଁ, ବିଜୁ ଜନତା ଦଳ ଏହି ଘଟଣା ରାଜରାସ୍ତାରୁ ଆରମ୍ଭ କରି ରାଜ୍ୟ ଏବଂ ପରେ ଜାତୀୟ ମାନବାଧିକାର ଆୟୋଗ ପର୍ଯ୍ୟନ୍ତ ମାମଲାକୁ ନେବ।

# ସୂରଜ ରାଜପ୍ପନ କୋଟାକ୍ ମହିନ୍ଦ୍ରା ସିଇଓ ନିଯୁକ୍ତ

**ଭୁବନେଶ୍ୱର, ୩୦।୩ (ମହାଭାରତ):** କୋଟାକ୍ ମହିନ୍ଦ୍ରା ପ୍ରାଇମ ଲିମିଟେଡ଼ (କେଏମପିଏଲ), କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼ର ଏକ ଅଗ୍ରଣୀ ସହାୟକ କମ୍ପାନୀ ତଥା ଅଗ୍ରଣୀ ଯାନବାହନ ଆର୍ଥିକ ସଂସ୍ଥା ପକ୍ଷରୁ ଏହାର ନିର୍ଦ୍ଦେଶକ ମଣ୍ଡଳୀଙ୍କ ଦ୍ୱାରା ଅନୁମୋଦିତ ଏକ ନେତୃତ୍ୱ ପରିବର୍ତନ ବିଷୟରେ ଘୋଷଣା କରାଯାଇଛି।

ବୋର୍ଡ଼ ପକ୍ଷରୁ ସୂରଜ ରାଜପ୍ପନଙ୍କୁ ଜୁନ ୦୧, ୨୦୨୬ରୁ ପ୍ରଭାବୀ ହେବା ଭଳି ୩ ବର୍ଷ ପାଇଁ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି, ଯାହା ସଦସ୍ୟ ମଣ୍ଡଳୀ ମାନଙ୍କ ଅନୁମୋଦନ ସାପେକ୍ଷ୍ୟ। ସୂରଜ ରାଜପ୍ପନ ନିଜର କ୍ୟାରିୟର କୋଟାକ୍ ମହିନ୍ଦ୍ରା ପ୍ରାଇମ ଲିମିଟେଡ଼ରୁ ଆରମ୍ଭ କରିଥିଲେ ଏବଂ ଏହି ସଂସ୍ଥାରେ ତାଙ୍କର ୨୪ ବର୍ଷର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ବର୍ତ୍ତମାନର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶାହରୁଖ ଟୋଡ଼ିୱାଲା, କୋଟାକ୍ ଗ୍ରୁପରେ ତିନି ଦଶନ୍ଧିରୁ ଅଧିକ ସମୟ ସେବା ପ୍ରଦାନ କରିବା ପରେ ମେ ୩୧, ୨୦୨୬ରେ ଅବସର ଗ୍ରହଣ କରିବେ। ଅଶୋକ ବାସୱାନୀ, ଏମଡ଼ି ତଥା ସିଇଓ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ମତବ୍ୟକ୍ତ କରି କହିଛନ୍ତି, "ଶାହରୁଖ କୋଟାକ୍ ମହିନ୍ଦ୍ରା ପ୍ରାଇମରେ ସୁଚିନ୍ତିତ ଅଭିବୃଦ୍ଧି, ବିପଦ ଅନୁଶାସନ ଏବଂ ଗ୍ରାହକ-କେନ୍ଦ୍ରିକତାର ଏକ ଦୃଢ଼ ପରମ୍ପରା ଛାଡ଼ି ଯାଉଛନ୍ତି। ଆମେ ସୂରଜଙ୍କୁ ଏହି ଦାୟିତ୍ୱରେ ସ୍ୱାଗତ କରୁଛୁ – ତାଙ୍କର ଗଭୀର ଶିଳ୍ପ ଅଭିଜ୍ଞତା ଏବଂ କାର୍ଯ୍ୟ ଦକ୍ଷତା କେଏମପିଏଲ-ଙ୍କୁ ଏହାର ପରବର୍ତି ପର୍ଯ୍ୟାୟ ଅଭିବୃଦ୍ଧି ପାଇଁ ସଠିକ୍ ସ୍ଥିତିରେ ରଖିପାରିବ।"

ଶାହରୁଖ ଟୋଡ଼ିୱାଲା, ଏମଡ଼ି ତଥା ସିଇଓ, କେଏମପିଏଲ କହିଛନ୍ତି, "କେଏମପିଏଲର ୩୦ ବର୍ଷର ଯାତ୍ରାର ଅଂଶ ହେବା ଏବଂ ଏହାର ଅଭିବୃଦ୍ଧିରେ ଅବଦାନ ରଖିବା ପ୍ରକୃତରେ ସନ୍ତୋଷଜନକ ଥିଲା, ଏବଂ କମ୍ପାନୀର ନେତୃତ୍ୱ ନେବା ମୋ ପାଇଁ ଏକ ସମ୍ମାନର ବିଷୟ। ମୁଁ ନିଶ୍ଚିତ ଯେ ସୂରଜ ଏବଂ ନେତୃମଣ୍ଡଳୀ ଦଳ ଏହି ଦୃଢ଼ ଭିତିଭୂମିକୁ ଆଗକୁ ବଢ଼ାଇବେ ଏବଂ କେଏମପିଏଲକୁ ନୂତନ ଶିଖରକୁ ନେଇଯିବେ।"

ସୂରଜ ରାଜପ୍ପାନ, କେଏମପିଏଲର ମନୋନୀତ ଏମଡ଼ି ତଥା ସିଇଓ କହିଛନ୍ତି, "ବୋର୍ଡ଼ ମୋ ଉପରେ ଯେଉଁ ବିଶ୍ୱାସ ପ୍ରକଟ କରିଛନ୍ତି, ସେଥିପାଇଁ ମୁଁ ସମ୍ମାନୀତ।

# ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ ଏଆଇର ଉପଯୋଗ

**ଭୁବନେଶ୍ୱର, ୩୦।୩ (ମହାଭାରତ):** ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଅଙ୍ଗ ପ୍ରତିରୋପଣର ଚାହିଦା। ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ସହିତ, ବ୍ୟାପକ ସଚେତନତା ପ୍ରସାର, ସଂସ୍ଥାଗତ ପ୍ରସ୍ତୁତିକୁ ଦୃଢ଼ କରିବା, ଅଙ୍ଗଦାତାଙ୍କ ସଂଖ୍ୟା ବିସ୍ତାର କରିବା ଏବଂ ପ୍ରତିରୋପଣ ଫଳାଫଳକୁ ଉନ୍ନତ କରିବା ପାଇଁ ନୀତି ରଣନୀତି ସହିତ ସମନ୍ୱୟ ସ୍ଥାପନ କରିବାର ଜରୁରୀ ଆବଶ୍ୟକତା ରହିଛି। ଏନେଇ, ଏମ୍ସ ଭୁବନେଶ୍ୱର, ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ, ଚଳିତ ମାସ ୩୦(ସୋମବାର) 'ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ)' ଉପରେ ଏକ ପ୍ରସାରଣ କର୍ମଶାଳା ସହ ଆଞ୍ଚଳିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମ୍‌ଇ) କାର୍ଯ୍ୟକ୍ରମ ଆୟୋଜିତ ହେବ। ଏମ୍ସ ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଦିନିକିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ କ୍ଲିନିକାଲ୍ ଏବଂ ଗବେଷଣା କ୍ଷେତ୍ରରେ ଏଆଇ ସମ୍ପର୍କିତ ବ୍ୟବସ୍ଥାର ବୁଝାମଣା ଏବଂ ଗ୍ରହଣକୁ ତ୍ୱରାନ୍ୱିତ କରିବା ସହିତ ଏନେଇ ରହିଥିବା ପ୍ରମୁଖ ଆହ୍ୱାନଗୁଡ଼ିକୁ ସମାଧାନ କରିବା।



ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଭଳି ଚାରୋଟି ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ତିନି ଶହରୁ ଅଧିକ ଡାକ୍ତର/ଗବେଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଆଶା କରାଯାଉଛି। ଏମ୍ସ ପାଟ୍ନା, ଏମ୍ସ ଦେଓଘର, ଏମ୍ସ କଲ୍ୟାଣୀ ଏବଂ ଏମ୍ସ ଭୁବନେଶ୍ୱରରୁ ମଧ୍ୟ ପ୍ରତିନିଧିମାନେ ଏହି ସିଏମ୍‌ଇରେ ସାମିଲ ହେବେ। ସେହିପରି ଆଇଆଇଟି ଭୁବନେଶ୍ୱର, ପିଜିଆଇଏମ୍‌ଇଆର୍ ଚଣ୍ଡିଗଡ଼, ନାଇସର୍ ଭୁବନେଶ୍ୱର, ଓଟିଟିଇଟି, ଆଇସର୍ ବ୍ରହ୍ମପୁର, ଆଇଜିଆଇଏମ୍‌ଏସ ପାଟନା ଭଳି ପ୍ରମୁଖ ପ୍ରତିଷ୍ଠାନ ଏବଂ ରୋଟ୍ଟୋ, ସୋଟ୍ଟୋ ସମେତ ଜାତୀୟ ପ୍ରତିରୋପଣ ସଂଗଠନର ବିଶିଷ୍ଟ ବିଶେଷଜ୍ଞମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତା(ଏଆଇ) ଭଳି ଦୁଇଟି ଉଚ୍ଚପ୍ରଭାବଶାଳୀ ବିଷୟ ସମ୍ବନ୍ଧରେ ଏକ ବ୍ୟାପକ ଶୈକ୍ଷିକ ପ୍ଲାଟଫର୍ମ ଭାବରେ ଡିଜାଇନ୍ କରାଯାଇଛି। ପ୍ରଥମ ଅଧିବେଶନରେ ଅଙ୍ଗ ପ୍ରତିରୋପଣ, ନୀତିଗତ ଢାଂଚାକୁ ସମ୍ବୋଧିତ କରିବା, ନୈତିକ ଏବଂ ଆଇନଗତ ବିଚାର, ଦାତା ପୁଲ ପ୍ରସାରଣ ରଣନୀତି, ଭିତିଭୂମି ବିକାଶ, ଏବଂ ହୃଦ୍‌ରୋଗ, ବୃକକ୍, ହେମାଟୋପୋଏଟିକ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଯକୃତ କ୍ଷେତ୍ରରେ ବହୁବିଧ କ୍ଲିନିକାଲ୍ ଅଭ୍ୟାସ ଉପରେ ଧ୍ୟାନ ଦିଆଯିବ। ଦ୍ୱିତୀୟ ଅଧିବେଶନରେ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତାର ପରିବର୍ତନଶୀଳ ଭୂମିକା ଅନୁସନ୍ଧାନ କରାଯିବ, କ୍ଲିନିକାଲ୍ ନିଷ୍ପତି ଗ୍ରହଣ, ଡିଜିଟାଲ୍ ପାଥୋଲୋଜି, ଜିନୋମିକ୍ସ, ଟେଲିମେଡିସିନ୍ ଏବଂ ଯମଜ ଡିଜିଟାଲ୍ ମାନବ ଭଳି ଉଦୀୟମାନ ଉଦ୍ଭାବନରେ ଏହାର ପ୍ରୟୋଗ ଉପରେ ଆଲୋଚନା କରାଯିବ। ଅଙ୍ଗ ପ୍ରତିରୋପଣ ଆଧୁନିକ ଚିକିତ୍ସା ବିଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ।

# ଜାତି ଭିତ୍ତିକ ରାଜନୀତି

ଦେଶର କେତେକ ରାଜନୈତିକ ଦଳ ବିଶେଷ କରି ଯେଉଁମାନେ ଜାତି ଭିତ୍ତିକ ରାଜନୀତି କରୁଛନ୍ତି ଏବଂ ତୁଷ୍ଟିକରଣ ରାଜନୀତି କରୁଛନ୍ତି ସେମାନେ ଏହାକୁ ବିରୋଧ କରୁଥିଲେ ଏବଂ ଏହାକୁ ଚାପି ରଖିଥିଲେ। ଏବେ ସୁପ୍ରିମକୋର୍ଟଙ୍କ ରାୟ ସେମାନଙ୍କ ନିଦ ହଜାଇ ଦେଇଥିବ ନିଶ୍ଚୟ। ସମ୍ଭବତଃ ସେମାନେ ଏଥିଲାଗି ଏବେ ରାଜି ନହୋଇପାରନ୍ତି । ଭୋଟ ବ୍ୟାଙ୍କ ପାଇଁ କିଛି ରାଜନୈତିକ ଦଳ ସୁପ୍ରିମକୋର୍ଟଙ୍କ ରାୟକୁ ମଧ୍ୟ ଅମାନ୍ୟ କରିବାର ନଜିର ରହିଛି। କେରଳ ହାଇକୋର୍ଟ କିଛି ବର୍ଷ ତଳେ ବନ୍ଦ ଆହ୍ୱାନ ଉପରେ ରୋକ ଲଗାଇଥିଲେ। କିନ୍ତୁ କୌଣସି ରାଜନୈତିକ ଦଳ ଏହାକୁ ସ୍ୱୀକାର କଲେନି କିମ୍ବା ଏହହାକୁ କାର୍ଯ୍ୟକାରୀ କଲେନି। ୧୯୭୫ରେ ଆହ୍ଲାବାଦ ହାଇକୋର୍ଟ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ ମଧ୍ୟ ସେ ଏହାକୁ ନମାନି ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିଲେ। ନିଜ ରାଜନୈତିକ ସ୍ୱାର୍ଥ ଏବଂ ଭୋଟ ବ୍ୟାଙ୍କ ନିମନ୍ତେ ଆଇନକୁ ପଦ ଦଳିତ କରି ରଖିବା କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନଙ୍କ ଅଭ୍ୟାସ। ଏବେ ସୁପ୍ରିମକୋର୍ଟଙ୍କ ରାୟ କଂଗ୍ରେସ ଭଳି ଦଳକୁ ବିଚଳିତ କରି ରଖିଥିବ ନିଶ୍ଚୟ। କାରଣ ଏହା ଦ୍ୱାରା ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷ କରି ଧର୍ମାନ୍ତରୀତ ହୋଇଥିବା ଦଳିତ ବା ପଛୁଆ ବର୍ଗର ଲୋକେ ଅସନ୍ତୁଷ୍ଟ ହେବେ। ସେମାନଙ୍କ ସହାନଭୂତି ପାଇବାକୁ କିଛି ରାଜନୈତିକ ଦଳ ଏହା ବିରୋଧରେ ସୁପ୍ରିମକୋର୍ଟରେ ପୁନର୍ବିଚାର ଆବେଦନ କରିପାରନ୍ତି କିମ୍ବା ସମ୍ବିଧାନ ସଂଶୋଧନ ନିମନ୍ତେ ସଂସଦରେ ଦାବି କରିପାରନ୍ତି। ତେଣୁ ସୁପ୍ରିମକୋର୍ଟଙ୍କ ଏହି ରାୟ କେତେଦର କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଭାରତରେ ଧର୍ମନ୍ତରୀକରଣ ଶହ ଶହ ବର୍ଷର ସମସ୍ୟା। ବ୍ରିଟିଶ ଶାସନ ପୂର୍ବରୁ ଭାରତରେ ମୋଗଲ ଏବଂ ଅନ୍ୟ ବିଦେଶୀ ଶାସକ ମାନେ ରାଜୁତି କରୁଥିଲେ। ସେମାନେ ଥିଲେ ଇସଲାମ ଧର୍ମାବଲମ୍ବୀ। ସେମାନଙ୍କ ହାତରେ କ୍ଷମତା ଏବଂ ପଶୁବଳ ଥିଲା। ଏହାକୁ ପ୍ରୟୋଗ କରି ସେମାନେ ଲକ୍ଷ ଲକ୍ଷ ହିନ୍ଦୁ ଧର୍ମାବଲମ୍ବୀଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ କରିଛନ୍ତି। ଏହାକୁ ବିରୋଧ କରି ଅନେକ ପ୍ରାଣବଳୀ ଦେଇଛନ୍ତି, ଅନେକ ଭୟରେ ଧର୍ମ ପରିବର୍ତ୍ତନ କରିଛନ୍ତି। ଏହାର ବହୁ ବର୍ଷ ପୂର୍ବରୁ ଭାରତରେ ଅନେକ ହିନ୍ଦୁ ବୌଦ୍ଧ ଏବଂ ଜୈନ ଧର୍ମରେ ଦୀକ୍ଷିତ ହୋଇଥିଲେ। ।ମାଗଲ ଶାସନ ପରେ ଭାରତରେ ଆରମ୍ଭ ହେଲା ବ୍ରିଟିଶ ଶାସନ। ଭାରତକୁ ୟୁରୋପରୁ ଅନେକ ଧର୍ମଯାଜକ ଏବଂ ମିଶନାରୀଜ ଆସିଲେ। ସେମାନେ ଭାରତର ଦାରୀଦ୍ର୍ୟ ଏବଂ ଅଶିକ୍ଷା ତଥା କୁସଂସ୍କାରରୁ ଫାଇଦା ଉଠାଇବାକୁ ଚେଷ୍ଟା କଲେ। ଗରିବ ଲୋକଙ୍କୁ ସେମାନେ ବିଭିନ୍ନ ପ୍ରକାର ଉପାୟରେ ପ୍ରଲୋଭିତ କରି ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ କଲେ। ସ୍ୱାଧୀନତା ପୂର୍ବରୁ ଏବଂ ପରେ ଲକ୍ଷ ଲକ୍ଷ ଭାରତୀୟ ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଆଦିବାସୀ ଏବଂ ଦଳିତ। ଭାରତର ସମଗ୍ର ଉତ୍ତର ପୂର୍ବାଞ୍ଚଳ ଏଥିରେ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଓଡ଼ିଶାରେ ମଧ୍ୟ ଅନେକ ଆଦିବାସୀ ଏବଂ ଦଳିତ ଧର୍ମ ପରିବର୍ତ୍ତନ କରିଛନ୍ତି। ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ଯିଏ ଯେଉଁ ଧର୍ମକୁ ଚାହିଁବ ତାକୁ ଆପଣାଇପାରିବ। କିନ୍ତୁ ଏଥିଲାଗି ନିର୍ଦ୍ଦିଷ୍ଟ ନିୟମ କାନୁନ ରହିଛି। ପ୍ରଲୋଭନ ବା ଭୟ ମାଧ୍ୟମରେ କାହାର ଧର୍ମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଏହା ଏକ ଦଣ୍ଡନୀୟ ଅପରାଧ। ଏହା ଜାଣି ମଧ୍ୟ କିଛି ସଙ୍ଗଠନ ଭାରତରେ ଏଭଳି କାର୍ଯ୍ୟ କରୁଛନ୍ତି। ଏଥିଲାଗି ବିଦେଶରୁ ବିପୁଳ ଅର୍ଥ ଆସୁଛି। ଏହାର ଦୁରୁପଯୋଗ କରାଯାଉଛି।

# ଭଗବତୀ ଭାରତୀ ଦେବୀ ନମସ୍ତେ

*ବିଦ୍ୟାଦାୟିନୀ, ଜଡ଼ତାହାରିଣୀ କାବ୍ୟକଳାର ଆଦ୍ୟାଶକ୍ତି - ସକଳ ଜ୍ଞାନ ଓ ଚେତନା ଶକ୍ତିର ଉଦ୍ରେକକାରିଣୀ, ଦେବୀ ବୀଣାପାଣି । ମା'ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଜ୍ଞାନପିପାସୁ ଆର୍ଯ୍ୟ ମାନବ ଭକ୍ତି ବିନମ୍ର କଣ୍ଠରେ ଗାଇଥାଏ - 'ଯା କେନ୍ଦୁ ତୁଷାରହରା ଧବଳା ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡମଣ୍ଡିତକରା, ଯା ଶୁକ୍ଳ ବସ୍ତ୍ରାନ୍ୱିତା, ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା, ସ ମାଂ ପାତୁ ସରସ୍ୱତୀ ଭଗବତୀ ନିଶେଷ ଜାଡ୍ୟାପହା।' ଶ୍ରୀ ଶ୍ରୀ ଚଣ୍ଡୀରେ ମହାଶକ୍ତିକୁ ପ୍ରାର୍ଥନା କରି କୁହାଯାଇଛି - 'ବିଦ୍ୟାଃ ସମସ୍ତା ସ୍ତବ ଦେବୀ, ଭେଦଃ ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ। ତ୍ୱ ନୌ କାୟା ପୁରିତମ୍ - ସ୍ୱୟୈତତ୍, କାତେ ସ୍ତୁତିଃ ସ୍ତବ୍ୟ ପରା ପରୋକ୍ତିଃ।'*


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ମା' ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ - ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା'ସରସ୍ୱତୀଙ୍କର ବହୁ ନାମ ରହିଛି - ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ'ଣ? ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସମୀପରେ ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସମସ୍ତ ବିଷୟରେ ଆଲୋଚନା ହୋଇଛି। ସରସ୍ୱତୀ ଶବ୍ଦର ଅର୍ଥ - ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ। ଧାତୁଗତ ଅର୍ଥ ପ୍ରୟୋଗ କରି ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ସରସ୍ ଶବ୍ଦର ଧାତୁ ହେଉଛି ସୃ ଧାତୁ - ଅର୍ଥ ଗତି ବା ଚାଲିବା। ତେଣୁ ଶ୍ରୀ ଶ୍ରୀ ଠାକୁର କହିଲେ - ସରସ୍ୱତୀ ଅର୍ଥ ଗତିବତୀ, ଗତିର ପ୍ରତୀକ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍‌ମାନେ ଶବ୍ଦ। ତେଣୁ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର କହିଲେ - ମା'ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ସୃଷ୍ଟିର ଆଦିରେ ଅଛି ଗତି। ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର - ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ। ତେଣୁ ଶ୍ରୀମଦ୍ ଭାଗବତରେ ଅଛି - ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।

ବିଦ୍ୟାଦାୟିନୀ, ଜଡ଼ତାହାରିଣୀ କାବ୍ୟକଳାର ଆଦ୍ୟାଶକ୍ତି - ସକଳ ଜ୍ଞାନ ଓ ଚେତନା ଶକ୍ତିର ଉଦ୍ରେକକାରିଣୀ, ଦେବୀ ବୀଣାପାଣି । ମା'ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଜ୍ଞାନପିପାସୁ ଆର୍ଯ୍ୟ ମାନବ ଭକ୍ତି ବିନମ୍ର କଣ୍ଠରେ ଗାଇଥାଏ - 'ଯା କେନ୍ଦୁ ତୁଷାରହରା ଧବଳା ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡମଣ୍ଡିତକରା, ଯା ଶୁକ୍ଳ ବସ୍ତ୍ରାନ୍ୱିତା, ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା, ସ ମାଂ ପାତୁ ସରସ୍ୱତୀ ଭଗବତୀ ନିଶେଷ ଜାଡ୍ୟାପହା।' ଶ୍ରୀ ଶ୍ରୀ ଚଣ୍ଡୀରେ ମହାଶକ୍ତିକୁ ପ୍ରାର୍ଥନା କରି କୁହାଯାଇଛି - 'ବିଦ୍ୟାଃ ସମସ୍ତା ସ୍ତବ ଦେବୀ, ଭେଦଃ ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ। ତ୍ୱ ନୌ କାୟା ପୁରିତମ୍ - ସ୍ୱୟୈତତ୍, କାତେ ସ୍ତୁତିଃ ସ୍ତବ୍ୟ ପରା ପରୋକ୍ତିଃ।' ଅର୍ଥାତ୍ ହେ ଦେବୀ - ତୁମେ ହିଁ ସକଳ ବିଦ୍ୟାର ଧାତ୍ରୀ ଓ ଦାତ୍ରୀ, ତୁମେ ହିଁ ସକଳ ଶକ୍ତିର ଆଧାର ଓ ସର୍ବତ୍ର ପରିବ୍ୟାପ୍ତ । ତୁମ ବ୍ୟତୀତ ଏ ବିଶ୍ୱରେ ଆଉ କାହାର ସତ୍ତା ଉପଲବ୍ଧି କରି ହୁଏନା। ଆମ ଶାସ୍ତ୍ରରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ଏଇ ତ୍ରିଶକ୍ତିଙ୍କ ସମନି ତ ଶକ୍ତିକୁ ମହାମାୟା ବା ଆଦ୍ୟାଶକ୍ତି ରୂପରେ ବର୍ଣ୍ଣନା କରାଯାଇଛି । ଶକ୍ତି ତତ୍ତ୍ୱ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ ସରସ୍ୱତୀ ମହାଶକ୍ତିଙ୍କର ଅଂଶ ବିଶେଷ ବା ଏକ ପ୍ରକାଶ ସ୍ୱରୂପ। ମହାଲକ୍ଷ୍ମୀ ଧନଧାନ୍ୟର ମହାସରସ୍ୱତୀ ସକଳ ବିଦ୍ୟା ସକଳ ଜ୍ଞାନ ଓ ବିବେକର ଏବଂ ମହାକାଳୀ ସକଳ ଶକ୍ତିର ଉତ୍ସ ତଥା ପ୍ରକାଶକ ରୂପେ ପରିକଳ୍ପିତ। ବେଦ ବାଣୀ - ବେଦରେ ଦେବୀମାନଙ୍କର ବନ୍ଦନାରେ ସରସ୍ୱତୀଙ୍କର ବର୍ଣ୍ଣନା ପ୍ରଥମ ଓ ପ୍ରଧାନ। ଋଗ୍ ବେଦରେ କଥିତ ଅଛି - ସରସ୍ୱତୀ ମହାଶକ୍ତିଙ୍କର ଉତ୍ସ। ଏହି ସରସ୍ୱତୀ ନିରାକାର, ନିର୍ଗୁଣ, ନିର୍ମାୟା, ଆଦ୍ୟାଶକ୍ତି। ତାଙ୍କୁ ମାତା ଓ ନଦୀ ରୂପରେ ସ୍ତୁତି କରାଯାଇ କୁହାଯାଏ -ଅମ୍ବି ତମେ ନଦୀ ତମେ, ଦେବୀ ତମେ ସରସ୍ୱତୀ, ଅପ୍ରଶସ୍ତ ଇବ ସ୍ୱାମୀ, ପ୍ରଶସ୍ତି ମମ ନିସ୍କୃତି। (ଋଗ୍ ବେଦ - ମ - ୨- ସ ୪୧-ର-୧୬) ଋଗ୍ ବେଦର ଏହି ବାଣୀରେ ଆର୍ଯ୍ୟ ଋଷିଗଣ ସ୍ତୁତି କରୁଅଛନ୍ତି ଯେ ହେ ଶ୍ରେଷ୍ଠା ମାତା, ହେ ଶ୍ରେଷ୍ଠା ନଦୀ, ହେ ଶ୍ରେଷ୍ଠା ଦେବୀ - ଆମେ ସବୁ ଅପ୍ରଶସ୍ତ ପ୍ରାଣୀ, ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ। ଏଣୁ ଏହି ବେଦବାଣୀ ଅନୁଯାୟୀ ଦିବ୍ୟ ଜ୍ଞାନ ପ୍ରଦାୟିନୀ ଦେବୀ ଜଗତର ଶ୍ରେଷ୍ଠ ମାତା ରୂପେ ପୂଜିତ ଓ ଶ୍ରେଷ୍ଠ ନଦୀ ରୂପେ ବର୍ଣ୍ଣିତ। ସରସ୍ୱତୀ ଶବ୍ଦର ମୂଳ ଅର୍ଥ ହେଲା - (ସ୍ୱତଃ+ବତୀ) ପ୍ରସରଣ ଯାହାଙ୍କର ଅଛି। ଅଜ୍ଞାନ ଅନ୍ଧକାର ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢ଼ାଇ ଘେନି ଯିବାର ସେ ହେଲେ ଅଧିଷ୍ଠାତ୍ରୀ ଦେବୀ। ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହାର ଅର୍ଥ ବୁଝାଇ କହିଲେ - ମନୁସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି। ପାଣି ଉପରେ ପଦ୍ମ, ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ - ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ - ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ। ଆବେଗପୂର୍ଣ୍ଣ ଭାବରେ ଶ୍ରୀ ଶ୍ରୀ ଠାକୁର କହିଲେ - ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ - ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ - ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପୁଣି କହିଲେ - ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ପୁଣି ବ୍ୟକ୍ତ କଲେ - ମା'ଙ୍କର କୋଳରେ ପୂଜାପାଏ ବହି। ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ - ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ। ଆଉ ସେ ପ୍ରାପ୍ତି ହେଉଛି - ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି।

ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା - ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ - ଐଂ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର। ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ - ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ। ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ। ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ - ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା। ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା - ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି। ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା। ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ। ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ୍ୟ ଧଳା। ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା। ତାହା ସହଜରେ ଉପରକୁ ଉଠିପାରେ। ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ। ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ। ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା। ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ। ଏଥିପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ଆଶ୍ରମରେ ମା'ସରସ୍ୱତୀଙ୍କର ପୂଜା ସାଡ଼ମ୍ବରେ କରୁଥିଲେ। ଶ୍ରୀ ଶ୍ରୀ ଠାକୁର ସ୍ୱୟଂ ପୁଷ୍ପାଞ୍ଜଳି ଦେଉଥିଲେ ଓ ପ୍ରଣାମୀ ସହ ପ୍ରଣାମ ନିବେଦନ କରୁଥିଲେ। ପୁଷ୍ପାଞ୍ଜଳି ଦେଇ ଭକ୍ତି ସହକାରେ ମା'ସରସ୍ୱତୀଙ୍କୁ ପ୍ରଣାମ ନକଲା ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଆହାର ଗ୍ରହଣ କରୁନଥିଲେ। ସମସ୍ତ ଭାବାର୍ଥ ସହ ଶ୍ରୀ ଶ୍ରୀ ଠାକୁର ବାଣୀ ଦେଲେ - 'ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି - ସେ ହିଁ ମା' ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା - ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା' ସରସ୍ୱତୀ'।


ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,

ଦୂରଭାଷ : ୯୪୩୭୦୫୧୯୫୭


# ଜୀବନ ଚଳଣୀର ମୂଳ ମନ୍ତ୍ର


॥ ଯଶସ୍ୱିନୀ ପଟ୍ଟନାୟକ ॥


ଆଜୀବନ କ'ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧ୍ୟାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା । ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ ।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମିୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି । ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ । ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।


ଅଧକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ


# ପର୍ବ


॥ ଅଜୟ କୁମାର ବେହେରା ॥


ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥଙ୍କର ବାର ମାସରେ ତେର ପର୍ବ ପାଳିତ ହୁଏ ବୋଲି ଏକ ଲୋକକଥା ରହିଛି। ହେଲେ ବର୍ଷକ ୩୬୫ ଦିନ ଧରି ଚନ୍ଦ୍ରମାନ ପାଳନରେ ସବୁ ଦିନେ ଠାକୁର ନୀତିରେ କିଛି କିଛି ନୂଆ ନୂଆ ପର୍ବ ପର୍ବାଣୀର ଧାରା ଯୋଡ଼ି ହେବା ସହିତ ଅନେକ ବର୍ଷ ପରେ ନବକଳେବରରେ ଏକ ସ୍ୱତନ୍ତ୍ର ପର୍ବ ଜଡ଼ିତ ହେଉଛି। ଏମିତି ଓଡ଼ିଶାରେ ଅନେକ ପୀଠ ଅଛି। ପୀଠ ମାନଙ୍କରେ ଚଳନ୍ତିକା ଅନେକ ପର୍ବ ପାଳନ ହୋଇ ଆସୁଛି। ବହୁ ଗୁରୁପୀଠ ମଠ ଗାଦି ରହିଛି ଏଠାରେ ତତ ଗୁରୁଙ୍କର ସ୍ମରଣୀୟ ତିଥି ଗୁଡ଼ିକରେ ଏପରି ପର୍ବ ପାଳନ କରାଯାଉଛି। ପର୍ବ ଗୁଡ଼ିକ ବହୁଜନ ସମାଗମ ସମ୍ବନ୍ଧ ଯାତ୍ରାରେ ଲଗାଇ ପାଳନ କରାଯାଉଛି। ଯଥା ପ୍ରଭୁଙ୍କର ରଥଯାତ୍ରା, ଦୋଳଯାତ୍ରା, ଝୁଲଣ, ଚନ୍ଦନଯାତ୍ରା, ସ୍ନାନ ଯାତ୍ରା ପରି ବିଭିନ୍ନ ଦିଅଁଙ୍କ ପୀଠରେ ଏମିତି ଯାତ୍ରା ସମ୍ବନ୍ଧ ଚାଲୁ ରହିଛି। ମେଳା ଏକ ବିଶେଷ ପର୍ବ ଏହା ଛୋଟ ବଡ଼ ବହୁ ପ୍ରକାରର ହୋଇପାରେ। ବ୍ୟକ୍ତିଗତ ସଂସାରୀରେ ବାସ ଗୃହରେ ଶନିମେଳା, ତ୍ରିନାଥ ମେଳା, ଆଖଣ୍ଡଳମଣି ମେଳା, ପଞ୍ଚାନନ ମେଳା, ଶାରଳା ମେଳା, ପରିମେଳା ପରି ପାଳନ ବେଳେ ଗ୍ରହପୀଠରେ ବିଭିନ୍ନ ମନ୍ଦିରରେ ଏମିତି କିଛି ମେଳା ଲାଗୁଛି। ପଡ଼ୋଶୀ ରାଜ୍ୟ ବଙ୍ଗଳାରେ ରଥଯାତ୍ରାକୁ ରଥର ମେଳା କୁହାଯାଏ। ଆମର ଦୋଳପର୍ବରେ ମେଳନ ପଡ଼ିଆରେ ବହୁ ଗ୍ରାମର ରାଧାକୃଷ୍ଣ ବିମାନକୁ ସ୍ୱାଗତ କରାଯାଇ ଏକତ୍ର ମେଳନ କରାଯାଏ। ଏବେ ତ ମେଳା ଋଣ ଆଦାୟ ସଭା ସମିତିକୁ ଋଣମେଳା କୁହାଗଲାଣି।

ପ୍ରତ୍ୟେକଙ୍କର ବ୍ୟକ୍ତିଗତ ଜୀବନଚର୍ଯ୍ୟାରେ ସ୍ମରଣୀୟ ଦିନ ଜନ୍ମଦିନ, ପିତୃମାତୃ ଶ୍ରାଦ୍ଧ ଦିନ, ନିଜର ବିବାହ ବାର୍ଷିକ ଆଦି ବର୍ଷରେ ସ୍ୱତନ୍ତ୍ର ଦିବସରେ ପାଳନ କରାଗଲା ବେଳେ ଏହା ଏକ ଏକ ପର୍ବ ସାମୁହିକ ପାଳନରେ ଅପରପକ୍ଷ ଶ୍ରାଦ୍ଧ ମହାଳୟା ଶ୍ରାଦ୍ଧ ପୟାଶ୍ରାଦ୍ଧ ଏକ ଏକ ପର୍ବ ପ୍ରତି ହିନ୍ଦୁ ଗୃହସ୍ଥ ସଂକ୍ରାନ୍ତିକୁ ସଂକ୍ରାନ୍ତି ଘରେ ଅଗ୍ନୀହୋତ୍ରୀଙ୍କ ଦ୍ୱାରା ହୋମ ଯଥାଶକ୍ତି କରାଉଛନ୍ତି ଓ ବିପ୍ରଭୋଜନାଦି ବ୍ୟବସ୍ଥା କିଛି ଦାନ ସଂକ୍ରାନ୍ତିରେ କରାଉଛନ୍ତି। ଏ ବାର ପ୍ରକାର ସଂକ୍ରାନ୍ତିର ବ୍ୟବସ୍ଥାରେ ଅୟନ ବିଷୁବ ଆଦି ସଂକ୍ରାନ୍ତି ପାଇଁ ସ୍ୱତନ୍ତ୍ର ପର୍ବ ରହିଛି। ଏକାଦଶୀ ପାଳନ ୨୪ଟି ଅଧିବର୍ଷରେ ୨୬ଟି ହୋଇଯାଇପାରେ, ଏହା ବୈଷ୍ଣବ ସ୍ମାର୍ତ୍ତଙ୍କ ପାଳନୀୟ ପର୍ବ ଏହାର ପାରଣ ଏକ ସ୍ୱତନ୍ତ୍ର ନିୟମରେ କରାଯାଏ। ଶୈବ ମତରେ ସୋମବାର ଚତୁର୍ଦ୍ଦଶୀ ପାଳନ ଏକ ଏକ ବିଶେଷ ପର୍ବକୁ ଶ୍ରାବଣରେ କାଉଡିଆଙ୍କର ଶିବଙ୍କ ଉପରେ ଜଳ ଢ଼ଳା କାର୍ତ୍ତିକ ମାସରେ ବଡ଼ ଓଷା ଫାଲଗୁନରେ ପଙ୍କ ଉଦ୍ଧାର ଏକାଦଶୀ, ଶିବରାତ୍ରୀ ବଡ଼ପର୍ବ। ଜ୍ୟେଷ୍ଠରେ ଶିବ ବିବାହ, ଶୀତଳ ଷଷ୍ଠୀ ବା ଜମାଇଷଷ୍ଠୀ ପର୍ବ ଏକ ଧୁମଧାମ ପର୍ବ। ଭାଦ୍ରବରେ ଗଣେଶ ପୂଜା, ମାଘରେ ସରସ୍ୱତୀ ପୂଜା ଏ ପର୍ବ ମୁଖ୍ୟତଃ ବିଦ୍ୟାର୍ଥୀଗଣଙ୍କ ଉଦ୍ଦିଷ୍ଟ ହେଲେ ବି ଗଣେଶ ପୂଜା ଅନେକ ଜାତିପାଟକଙ୍କ ପୂଜା ବିଶେଷକରି ଏ ଗୁଡ଼ିଆଙ୍କ ଜାତୀୟ ପର୍ବ। ଏହା ଏବେ ବଣିଆ ବଣିକ ଛୋଟବଡ଼ ଦୋକାନୀ ଅନେକ ନାଟ ତାମସା ଅପେରା ପାର୍ଟି ପାଳନ କରି ଧନ୍ଦା ଆରମ୍ଭ କରୁଛନ୍ତି। ଦଶହରା ପର୍ବ ଦୁଇଥର, ଶାରଦୀୟ ଓ ବାସନ୍ତୀ ଏ ଦୁଇଥିରେ ଦୁର୍ଗାଙ୍କ ତାଙ୍କ ସହିତ ଅନ୍ୟ ଦେବୀ ଦେବତା ପୂଜା ହେଉଛି। ଏହା ସାର୍ବଜନୀନ ଯୋଗୁ ଏହାକୁ ବଡ଼ ଧରଣର କରାଯାଇ ପାଳନ କରାଯାଉଛି। ଏହାବାଦ କାଳୀପୂଜା, ଲକ୍ଷ୍ମୀପୂଜା, ଗନ୍ଧେଶ୍ୱରୀ ପୂଜା, ଶୀତଳା ପୂଜା, ମନସା ପୂଜା ବର୍ଷ ମଧ୍ୟରେ ତିଥି ଭୋଗ ବେଳେ କରାଯାଉଛି। ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ନୃସିଂହ ବରାହ ବାମନ, ବୁଦ୍ଧ ଆଦିଙ୍କ ଏମିତି ଉଦ୍ଦିଷ୍ଟ ତିଥିରେ ସେମାନଙ୍କର ବିଭିନ୍ନ ଲୀଳା ସମ୍ବନ୍ଧରେ ପର୍ବ ପାଳନ କରାଯାଉଛି। ଗୋପାଳ ଜାତିର ଗୋ-ପୂଜାକୁ ପୋଷ୍ଟାଷ୍ଟମୀ, ଗୋବର୍ଦ୍ଧନ ପୂଜା, ବଳଭଦ୍ର ଜନ୍ମ ଶ୍ରୀକୃଷ୍ଣ ଜନ୍ମ, ନନ୍ଦଉତ୍ସବ, ଦୋଳ ପୂର୍ଣ୍ଣିମା ଆଦିରେ ପର୍ବ ଆକାରରେ ଉଦ୍ଦିଷ୍ଟ ତିଥିରେ ପାଳନ କରାଯାଉଛି। ଅନେକ ପାଟକଙ୍କର ଆୟୁଧ ପୂଜା ଦଶହରାକୁ ବିଶ୍ୱକର୍ମା ପୂଜାକୁ କରାଯାଉଛି।

ସୂର୍ଯ୍ୟଙ୍କର ରଥ ସପ୍ତମୀ ଷଷ୍ଠ (ଛଟ ପୂଜା) ଶାମ୍ବ ଦଶମୀ ପ୍ରତି ସଂକ୍ରାନ୍ତିରେ ରବି ଚଳନରେ ଓ ରବିନାରାୟଣ ଏକାଦଶୀରେ ପୂଜା ହୋଇ ଆସୁଛି। ଚୈତ୍ର ମଙ୍ଗଳବାର, ଭାଦ୍ର ରବିବାରରେ ମାଆ ମଙ୍ଗଳବାର ପୂଜା କରାଯାଉଛି। ଏହାବାଦ ବର୍ଷକ ସବୁ ମଙ୍ଗଳବାର ମଙ୍ଗଳାଙ୍କର ପୂଜା ହେଉଛି। ପ୍ରତି ଗ୍ରାମରେ ଗ୍ରାମଦେବତୀ ଅଛନ୍ତି ଯେ ମଙ୍ଗଳାଙ୍କର ପ୍ରତିନିଧି କରଣ ସେଠାରେ ବିବାହରେ ଦିଅଁ ମଙ୍ଗୁଳା କାର୍ଯ୍ୟ ହେଉଛି। ପଟ୍ଟେଇ ପୂଜା ପ୍ରତି ମଙ୍ଗଳବାର ଅନେକ ମହିଳା ପଣାପାଣି ଦେଇ ରାସ୍ତାରେ କରୁଛନ୍ତି। ଭାଗବତ ଜନ୍ମରୁ ଭାଗବତ ପାଠ ଆରମ୍ଭ ହୋଇ ଦିନକୁ ୧/୧ ଅଧ୍ୟାୟ ବିଧିରେ ପାଠ ଓ ଶ୍ରବଣ କରି ପୁନଃ ଭାଗବତ ଜନ୍ମରେ ଭାଗବତ ବଢ଼ା କରାଯାଏ। ଏବେ ଏଥିରେ ପ୍ରାଧାନ୍ୟ କେହି ରଖୁ ନାହାଁନ୍ତି। ପ୍ରକୃତରେ ଏହା ଏକ ପାରିବାରିକ ସତସଙ୍ଗ ଏହା ଗୃହ କଳହ, ଶାନ୍ତିକର ଆଧାତ୍ମିକ ସୁଖ ପ୍ରଦାନକାରୀ ଫଳରେ ବାସ୍ତୁ ଶାନ୍ତି ମନକୁ ମନ ହୋଇଥାଏ। ମନୁଷ୍ୟ ଅନ୍ୟାୟ ଅନୀତିକୁ ଯିବାରେ ଧର୍ମବାଧା ବୁଝିପାରେ। ଏମିତି ଅଛି ଗୀତା ଜୟନ୍ତୀ ଏ ଦିନ ଗୀତା ପାଠର ଅନୁଷ୍ଠାନ କରାଯାଏ। ଗୀତା ଭଗବାନଙ୍କ ମୁଖ ନିସୃତ ବାଣୀ ବୋଲି ଧରାଯାଏ। ସମସ୍ତ ଉପନିଷଦର ଧାରା ପ୍ରତ୍ୟେକଙ୍କର ଆଚରଣୀୟ ଜୀବ-ଶୈଳୀ ଏଠାରେ ସୂତ୍ର ଆକାରରେ ଅଛି ଏହାକୁ ବିଶ୍ଳେଷଣକାରୀ ଭଲ ଭାବରେ ବୁଝାଇ କହିଲେ ଯେ କେହି ଲୋକ ଭୁଲ ମାର୍ଗଛାଡ଼ି ଠିକ ମାର୍ଗରେ ଚାଲିପାରିବ। ଯେତେ ଗୁରୁ ସନ୍ନ୍ୟାସୀ ହୁଅନ୍ତି, ଏଇ ଭାଗବତ ଓ ଗୀତା ମଧ୍ୟରୁ ହିଁ ଉପଦେଶ ଦେବା ତଥ୍ୟ ସଂଗ୍ରହ ରଖି ତାଙ୍କର ଶିଷ୍ୟ ଭକ୍ତ ମାନଙ୍କୁ କହି ସୁପଥକୁ ଆଣିବା ଚେଷ୍ଟା କରୁଛନ୍ତି।

## ଗଣ୍ଡାବଧ ସମ୍ପନ୍ନ, ବିପୁଳ ଜନସମାଗମ



ଦଶପଲ୍ଲା, (ମହାଭାରତ): ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ପ୍ରମୁଖ ଆକର୍ଷଣ 'ଗଣ୍ଡାବଧ ' ସୋମବାର ଦିନ ସମ୍ପନ୍ନ ହୋଇଛି। ଇତ୍ୟବସରରେ ବାଣ, ବାଜା, ରୋଷଣି, ଘୋଡ଼ା ନାଚ ସହିତ ଏକ ସୁସଜ୍ଜିତ ବିଶାଳ ପଟୁଆର ମହାବିର ମନ୍ଦିରଠାରୁ ବାହାରି ପ୍ରାୟ ତିନି କିଲୋମିଟର ରେ ଥିବା ନେତାଜୀ ମଇଦାନ ସ୍ଥିତ ସ୍ଥାୟୀ ମଣ୍ଡପ ଠାରେ ପହଞ୍ଚି ଥିଲେ। ସେଠାରେ ପାରମ୍ପାରିକ ରୀତି ନୀତି ଅନୁଯାୟୀ ରାମଲୀଳା ର ଅଭିଜ୍ଞ କଳାକାର ମାନଙ୍କୁ ନେଇ ଲିଳାଭିନୟ ପରିବେଷିତ ହୋଇ ଥିଲା। ଆତସବାଜି ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଯାରିରହିଥିଲା। ନେତାଜି ପଡ଼ିଆ ର ଚତୁପାର୍ଶ୍ୱ ସୁସଜ୍ଜିତ ଲାଇଟ ସାଙ୍ଗକୁ ଲୋକାରଣ୍ୟ ହୋଇଥିଲା। ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନ୍ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ଏନ୍ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଙ୍କ ସମେତ ଯାତ୍ରା କମିଟିର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟଯେ ପୁରାଣ ମତାନୁସାରେ ସୂର୍ଯ୍ୟ ବଂଶର ପ୍ରଥାନୁସାରେ ପିତୃ ଶ୍ରାଦ୍ଧ ଦିନ ଯୁବରାଜ ଓ ରାଜ କୁମାର ମାନେ ଗଣ୍ଡା ବଧ କରି ସେମାନଙ୍କ ବିରତ୍ୱ ପ୍ରଦର୍ଶନ କରନ୍ତି। ତେଣୁ ପ୍ରଭୁ ଶ୍ରୀ ରାମ ନିଜ ଭାଇଙ୍କ ସହିତ ଚତୁରାଙ୍ଗ ସେନାଙ୍କୁ ନେଇ ଗଣ୍ଡା ବଧ ସମ୍ପନ୍ନ ହୋଇଥାଏ।

## ଭାଲୁ ଆକ୍ରମଣରେ ୩ ଗୁରୁତର

କପ୍ତିପଦା, (ମହାଭାରତ ) : ସକାଳୁ ଶୌଚ ନିମନ୍ତେ ଯାଇଥିଲେ, ହେଲେ ଅଚାନକ ଆକ୍ରମଣ କରିଲା ଭାଲୁ। ଭାଲୁ ଆକ୍ରମଣରେ ୩ ଗୁରୁତର। କପ୍ତିପଦା ବନାଞ୍ଚଳ ତାଳଗଡି ଗ୍ରାମରେ ଘଟିଛି ଏଭଳି ଘଟଣା। ଆଜି ସକାଳ ସମୟରେ ଏକ ବିରାଟକାୟ ଭାଲୁ ତାଳଗଡି ଗ୍ରାମକୁ ପଶି ଆସିଥିଲା। ଏହି ସମୟରେ ଶୌଚ ନିମନ୍ତେ ଯାଇଥିବା ବୃଦ୍ଧା ରାନୀ ନାଏକ ଏବଂ ଯୁବକ ସୁମତ ଖଣ୍ଡେଇଙ୍କୁ ଅଚାନକ ଭାଲୁ ଆକ୍ରମଣ କରିଥିଲା। ଭାଲୁଟି ଉଭୟଙ୍କୁ ଆକ୍ରମଣ କରିଥିବା ବେଳେ ରାନୀ ନାଏକଙ୍କ ମୁହଁ ଖଣ୍ଡିଆ କରି ପକାଇଥିବା ବେଳେ ସୁମତଙ୍କ ଗୋଡ଼ କୁ କାମୁଡି ଦେଇଛି। ସେହିପରି କମଳାକାନ୍ତ ନାଏକ ନଦୀ ନିକଟରେ ଥିବା ବେଳେ ତାଙ୍କୁ ମଧ ଭାଲୁ ଆକ୍ରମଣ କରି ଗୁରୁତର କରିଛି। ତେବେ ଭାଲୁ ଆକ୍ରମଣ କରିବାରୁ ଉଭୟ ଚିତ୍କାର କରିଥିଲେ, ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଭାଲୁ ଟି ୩ ଜଣଙ୍କୁ ଗ୍ରାମର ଅଲଗା ଅଲଗା ସ୍ଥାନରେ ଆକ୍ରମଣ କରିଥିବା ବେଳେ ଉଭୟଙ୍କ ଅବସ୍ଥା ଏବେ ଗୁରୁତର ରହିଛି। ଗ୍ରାମବାସୀ ଭାଲୁ କୁ ଘଉଡ଼ାଇବାରୁ ଭାଲୁଟି ନିକଟସ୍ଥ ହୁଡ଼ିକୁ ଚାଲିଯାଇଛି।

## ସମବାୟ ସମିତିର ବାର୍ଷିକ ସଭା ଅନୁଷ୍ଠିତ, କୃଷକ ସମସ୍ୟାକୁ ପ୍ରାଧାନ୍ୟ




ଜୁନାଗଡ, (ମହାଭାରତ) : ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲେଇ ଗାଁ ଗ୍ରାମ ପଞ୍ଚାୟତ ଅଧୀନ କଲେଇ ଗାଁ ପ୍ରାଥମିକ କୃଷି ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ସଭା ସୋମବାର ଦିନ ସ୍ଥାନୀୟ ଗୋଦାମ ଗୃହରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମିତିର ସଦସ୍ୟ, କୃଷକ ଓ ଅଞ୍ଚଳର ଗଣମାନ୍ୟ ବ୍ୟକ୍ତିମାନେ ବ୍ୟାପକ ଭାବେ ଯୋଗଦେଇଥିଲେ।ସଭାକୁ ଫାଲଗୁନି ପଟେଲ ସୁଚାରୁ ଭାବେ ପରିଚାଳନା କରିଥିବା ବେଳେ, କଲେଇ ଗାଁ ସମବାୟ ସମିତିର ପରିଚାଳନା ପରିଷଦ ନିର୍ଦ୍ଦେଶକ ଖଗେଶ୍ୱର ଧଙ୍ଗଡାମାଝୀଙ୍କ ସଭାପତିତ୍ୱରେ, ସଭାର ଆରମ୍ଭରେ ପୂର୍ବବର୍ଷର କାର୍ଯ୍ୟକଳାପ ଓ ଆର୍ଥିକ ହିସାବ ଅନୁମୋଦନ କରାଯାଇଥିଲା। ପରବର୍ତ୍ତୀ ଅଧିବେଶନରେ କୃଷକମାନଙ୍କ ସମସ୍ୟା, ଋଣ ବଣ୍ଟନ ପ୍ରକ୍ରିୟା, ସାର ଓ ବିଜ୍ଞାନ ସମ୍ମତ ଚାଷ ପ୍ରଣାଳୀ ଉପରେ ଆଲୋଚନା ହୋଇଥିଲା।ସଭାରେ ସମିତିର ଉନ୍ନତି ପାଇଁ କିଛି ମୁଖ୍ୟ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା, ଯଥା ସଦସ୍ୟ ସଂଖ୍ୟା ବୃଦ୍ଧି, ଋଣ ବଣ୍ଟନ ପ୍ରକ୍ରିୟାକୁ ସୁଗମ କରିବା, କୃଷି ସାମଗ୍ରୀ ସମୟରେ ଉପଲବ୍ଧ କରାଇବା ଓ ସମିତିର ଆର୍ଥିକ ସ୍ଥିତିକୁ ଆହୁରି ମଜବୁତ କରିବା। ଏହା ସହ ଆଗାମୀ ଦିନରେ କୃଷକ ମାନଙ୍କ ହିତକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସମସ୍ତଙ୍କ ମଧ୍ୟରେ ସମ୍ମତି ହୋଇଥିଲା।ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଳୟ ଆଚାର୍ଯ୍ୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କଲେଇ ଗାଁ ସମବାୟ ସମିତିର ସମ୍ପାଦକ ବସନ୍ତ କୁମାର ବେହେରା,ଚାରଭାଟି ସରପଞ୍ଚ ଶଙ୍କର ନାଏକ,କୁଞ୍ଜ ବିହାରି ଦଣ୍ଡସେନା, ସନାତନ କଟା, ନେତ୍ରାନନ୍ଦ ଭଣ୍ଡାରଘରିଆ, ବୈକୁଣ୍ଠ ଗହିର, ବିଭୀଷଣ ମେହେର ପୂର୍ବତନ କାର୍ଯ୍ୟ ନିର୍ବାହୀ, ପିତାମ୍ବର ତ୍ରିପାଠୀ, ସୁଧୀର ରଣା, କିଶୋର ନିଆଲ ପ୍ରମୂଖ ମଞ୍ଚାଶିନ ଥିଲେ। ଏହି ସାଧାରଣ ସଭା କାର୍ଯ୍ୟକ୍ରମରେ ସମବାୟ ସମିତି ଅଧୀନ ପ୍ରତୋକ ଗ୍ରାମର ସମସ୍ତ ଚାଷୀ ଯୋଗ ଦେଇଥିଲେ।

## ଗାଁ ରେ ମାତିଲେ ଛେଳି ଚୋର

କପ୍ତିପଦା, (ମହାଭାରତ) : ଦାମିକା ପଲସର ବାଇକରେ ଆସୁଥିଲେ ଆଉ ଗାଁ ଗହଳିରେ ବୁଲୁଥିବା ଛେଳି ଚୋରି କରି ନେଇ ଚାଲିଯାଉଥିଲେ। ହେଲେ ଆଜି ଛେଳି ଚୋରି କରିବା ସମୟରେ ଗ୍ରାମବାସୀ ଦେଖିବାରୁ ଗାଡି ଛାଡି ଖସି ଯାଇଛନ୍ତି ଚୋର। ଉଦଳା ଥାନା ଭୁରୁଡୁବଣି ଗ୍ରାମରେ। ୩ ଜଣ ଚୋର ଏକ ପଲସର ବାଇକରେ ଆସି ଭୁରୁଡୁବଣି ଗ୍ରାମ ଭିତରେ ବୁଲୁଥିବା ଏକ ଛେଳି କୁ ବାଇକରେ ବାନ୍ଧି ଚୋରି କରି ନେଉଥିଲେ। ଏହି ସମୟରେ ଗ୍ରାମବାସୀ ମାନେ ଏହା ଦେଖିପାରି ପାଟି କରିବାରୁ ଚୋର ମାନେ ଗାଡି ଛାଡି ଚାଲିଯାଇଥିଲେ। ଏହା ପରେ ସ୍ଥାନୀୟ ଲୋକେ ପୋଲିସ କୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପଲସର ବାଇକ କୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ମଧ ଏହିପରି ଗ୍ରାମରୁ ଅନେକ ବାର ଛେଳି ଚୋରି କରିଥିବା କହିଛନ୍ତି ଗ୍ରାମବାସୀ।

# ରାସ୍ତାରେ ପଙ୍କ ପଡ଼ି ବଢୁଛି ଦୂର୍ଘଟଣା : ତେଜୁଛି ଜନ ଅସନ୍ତୋଷ



ବେଲଗୁଣ୍ଠା, (ମହାଭାରତ) : ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ନୂଆଁ ବନ୍ଧର ପାଣି ବହୁଦିନ ଧରି ଖରାପ ହୋଇଯାଇଥିବାରୁ ଏହାକୁ ପରିଷ୍କାର କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଥିଲେ । ଗ୍ରାମବାସୀଙ୍କ ଅନୁରୋଧକୁ ଆଖି ଆଗରେ ରଖି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପାଣି ନିଷ୍କାସନ କରାଯିବା ସହ ଗତ ପନ୍ଦର ଦିନ ହେବ ପୋଖରୀ ଖନନ କାର୍ଯ୍ୟ ଜାରି ରହିଛି। ଜେସିବି ମାଧ୍ୟମରେ ପୋଖରୀ ଖୋଳାଯାଇ ଦଶରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ମାଧ୍ୟମରେ ପୋଖରୀର ପଙ୍କକୁ ସ୍ଥାନାନ୍ତର କରାଯାଉଛି ଓ। କିନ୍ତୁ ଟ୍ରାକ୍ଟର ଗୁଡ଼ିକ ପଙ୍କ ବୋହିବା ବେଳେ ଟ୍ରାକ୍ଟର ଡାଲାର ପଛପଟ ରାସ୍ତାକୁ ବନ୍ଦ କରାଯାଉନାହିଁ କିମ୍ବା ରାସ୍ତାରେ ପଙ୍କ ନପଡିବା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନାହିଁ ଓ ପଙ୍କ ଟ୍ରାକ୍ଟର ଗୁଡ଼ିକ ନୂଆଁବନ୍ଧ ଠାରୁ ଭାୟା କୋଳି ସାହି ଦେଇ ଶାନ୍ତି ନଗର, ସୁତୁମୁସର ରୋଡ଼୍, ବିଦ୍ୟୁତ୍ କାର୍ଯ୍ୟାଳୟ ଛକ ଆଦି ଅଞ୍ଚଳକୁ ଯାଉଥିବା ବେଳେ ରାସ୍ତା ସାରା ପଙ୍କ ପଡ଼ି ପଡ଼ି ଯାଉଛି । ଯାହାଫଳରେ ରାସ୍ତା ସାରା ପଙ୍କ ଜମା ହୋଇ ରହୁଛି ଏବଂ ଏହି ପଙ୍କରେ ଲୋକଙ୍କ ଗାଡ଼ି, ସାଇକେଲ୍ ର ଚକ ଖସି ପ୍ରତ୍ୟେକ ଦିନ ଦୂର୍ଘଟଣା ଘଟୁଛି । ପ୍ରତ୍ୟେକ ଦିନ ଏମିତି ଗୋଟିଏ ଦୁଇଟି ଦୁର୍ଘଟଣା ଘଟୁଥିବା ବେଳେ ଶୁକ୍ରବାର ଦିନ କିନ୍ତୁ କୋଡ଼ିଏରୁ ଉର୍ଦ୍ଧ୍ୱ ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆ ଖାବରା ହୋଇଥିଲେ । ଶୁକ୍ରବାର ଦିନ ବର୍ଷା ହୋଇଯାଇଥିବାରୁ ପଙ୍କ ପଡ଼ିଥିବା ରାସ୍ତାଟି ଅଧିକ କାଦୁଅ ହୋଇଯାଇଥିଲା। ଫଳରେ କୋଡ଼ିଏରୁ ଉର୍ଦ୍ଧ୍ୱ ଲୋକ ସେ ରାସ୍ତାରେ ପଡ଼ି ଆହତ ହୋଇ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ଓ ବେଲଗୁଣ୍ଠା ଅଞ୍ଚଳ ସହିତ ବାହାରୁ ଆସିଥିବା ବହୁ ଲୋକ ମଧ ଏହି ଦୁର୍ଘଟଣାରେ ଆହତ ହୋଇଥିବା ସୂଚନା ମିଳିଛି । ଏହାକୁ ନେଇ ବେଲଗୁଣ୍ଠାରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି ଓ ସେହି ରାସ୍ତା ଦେଇ ବହୁ ବାଇକ୍ ଚାଳକ ଗାଡ଼ି ଚଳାଇ ଯିବାକୁ ନିରାପଦ ମନେ ନକରି ଗାଡିକୁ ଗଡାଇ ଗଡ଼ାଇ ନେଉଥିବା ଦେଖିବାକୁ ମିଳିଛି । ତେଣୁ ରାସ୍ତାରେ ପଡ଼ିଥିବା ଏହି ପଙ୍କକୁ ତୁରନ୍ତ ରାସ୍ତାରୁ ସଫା କରିବା ସହ ଟ୍ରାକ୍ଟରରେ ପଙ୍କ ବୋହିଲା ବେଳେ କିପରି ଏହା ରାସ୍ତାରେ ନପଡ଼ିବ ସେନେଇ ବ୍ୟବସ୍ଥା କରିବା ପାଇଁ ବେଲଗୁଣ୍ଠା ବାସୀ ଦାବୀ କରିଛନ୍ତି ।

## ମୌସୁମୀ ପୂର୍ବରୁ ସେତୁ କାର୍ଯ୍ୟ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ । ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ଏହି ପ୍ରକଳ୍ପଗୁଡ଼ିକୁ ଶେଷ କରିବା ପାଇଁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ମାଛକୁଣ୍ଡ ନଦୀ ଉପରେ ନିର୍ମାଣାଧୀନ ବିଶୋଇଗୁଡ଼ାରୁ ଜନ୍ତ୍ରୀ ଏବଂ ଜନ୍ତ୍ରୀରୁ ଦିଶାରୀଗୁଡ଼ା ମଧ୍ୟରେ ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବ ପ୍ରଥମେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବିଶୋଇଗୁଡ଼ା-ଜନ୍ତ୍ରୀ ସେତୁ କାର୍ଯ୍ୟ ଅନୁଧ୍ୟାନ କରିଥିଲେ ଜିଲ୍ଲାପାଳ । ବର୍ଷା ଦିନେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ଥିବାରୁ ମୌସୁମୀ ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଯନ୍ତ୍ରୀ ଓ ଠିକାସଂସ୍ଥାକୁ ତାଗିଦ୍ କରିଛନ୍ତି। କଞ୍ଚାମାଲ ସମସ୍ୟାର ସମାଧାନ ପାଇଁ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ହେଉଥିବା ବାଲି ଓ ମାଟିର ଅଭାବ ସମ୍ପର୍କରେ ସେ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ । ଠିକାସଂସ୍ଥା ଯେପରି ସହଜରେ ନିକଟସ୍ଥ କ୍ୱାରିରୁ ସାମଗ୍ରୀ ଉଠାଇ ପାରିବେ, ସେଥିପାଇଁ ତୁରନ୍ତ ସ୍ଥାନ ଚିହ୍ନଟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଜନ୍ତ୍ରୀ-ଦିଶାରୀଗୁଡ଼ା ସେତୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ସେ ସମ୍ପୃକ୍ତ ଏଜେନ୍ସିକୁ ତୁରନ୍ତ ଏକ ସଂଶୋଧିତ କାର୍ଯ୍ୟ ଯୋଜନା ଦାଖଲ କରି କାର୍ଯ୍ୟ ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ଏହି କ୍ଷେତ୍ର ପରିଦର୍ଶନ ସମୟରେ ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ସିଡିଓ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଗ୍ରାମ୍ୟ ଉନ୍ନୟନ ବିଭାଗ-୧ ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରି, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା ଏବଂ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକ ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବର୍ଷା ଦିନେ ସ୍ୱାଭିମାନ ଅଞ୍ଚଳବାସୀଙ୍କ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ଏହି ସେତୁଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ପୋଡ଼ିଆ ବ୍ଲକରେ ପୋଷଣ-୧୫ ଅଭିଯାନ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଜାରି ରହିଥିବା ସ୍ୱତନ୍ତ୍ର ଅଭିଯାନ ପୋଷଣ-୧୫ କାର୍ଯ୍ୟକ୍ରମ ଅଧୀନରେ ଆଜି ପୋଡ଼ିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଙ୍ଗନବାଡ଼ି କର୍ମୀମାନେ ଯୋଗ ଦେଇଥିଲେ। ଶିଶୁମାନଙ୍କର ସଠିକ ଶାରୀରିକ ଓ ମାନସିକ ବିକାଶକୁ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ, ପୋଷଣ ଟ୍ରାକର ଆପ୍ ?ରେ ଶିଶୁମାନଙ୍କର ତଥ୍ୟ ଅପଲୋଡ୍ କରିବା ଏବଂ ସେମାନଙ୍କର ଉଚ୍ଚତା ଓ ଓଜନର ସଠିକ ମାପ ପ୍ରକ୍ରିୟା ସମ୍ପର୍କରେ କର୍ମୀମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଛି।

## ସରକାରୀ ଜାଗାରେ ଅବୈଧ କୋଠା ନିର୍ମାଣ !

ଉମରକୋଟ, (ମହାଭାରତ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଦିନକୁ ଦିନ ସରକାରୀ ଜାଗାରେ ବଡବଡିଆଙ୍କ ଅବୈଧ କୋଠା ନିର୍ମାଣ ଚାଲିଛି .ଗତ କିଛି ଦିନ ତଳେ ସହରର ଡିଏନକେ ଡେଲି ମାର୍କେଟ ପାଖରେ ଥିବା ଏକ ସରକାରୀ ଜାଗାରେ ଅବୈଧ କୋଠା କାର୍ଯ୍ୟ ଚାଲୁଅଛି ବୋଲି ସାଧାରଣ ଲୋକେ ଅଭିଯୋଗ କରିଆସୁଛନ୍ତି କି ଗତ କିଛି ଦିନ ତଳେ ଉମରକୋଟ ସହରର ମେନ୍ଦା ବେଡା ଠାରେ ଥିବା କିଛି ଘରକୁ ପ୍ରଶାସନ ଦ୍ୱାରା ଜବର ଦାଖଲ ଉଚ୍ଛେଦ କରାଗଲା .ଏବଂ ବହୁ ପରିବାର ର ଘର ଭାଙ୍ଗିବା ପରେ ବହୁତ ଅସୁବିଧାର ସମୁଖୀନ ହୋଇଥିଲେ .ହେଲେ ଏଠାରେ ମୁଖ୍ୟ ରାସ୍ତା ପାର୍ଶ୍ୱକୁ ଲାଗିକି ଏତେ ବଡ କୋଠା ନିର୍ମାଣ ଚାଲିଛି ରାଜସ୍ୱ ବିଭାଗ ସବୁ ଜାଣିକି ଚୁପ ରହୁଛି ନା କିଛି ବଡ ବଡିଆଙ୍କ ଠାରୁ ମୋଟା ଅଙ୍କର କିଛି ଅର୍ଥ ନେଇ ପକେଟ ଗରମ କରି ବସିଛି ବୋଲି ଅଭିଯୋଗ କରୁଛନ୍ତି ଆଶ୍ଚର୍ଯ୍ୟର କଥା .ହେଲେ ଏ ସମ୍ପର୍କରେ ସବୁ ତଥ୍ୟ ଥିବା ସତ୍ତ୍ୱେ ମଧ ରାଜସ୍ୱ ବିଭାଗ କୌଣସି ପଦକ୍ଷେପ ନେଉନାହାଁନ୍ତି। ଏଥିପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି ଏବଂ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠୁଛି। ସାଧାରଣ ଲୋକଙ୍କ କହିବା କଥା , ଯଦି ସାଧାରଣ ଲୋକ ଟେ ଛୋଟ ଘର ଟିଏ ନିର୍ମାଣ କରୁଛି ତାକୁ ରାଜସ୍ୱ ବିଭାଗ ନୋଟିସ ଦେଇ ତୁରନ୍ତ କାର୍ଯ୍ୟନୁଷ୍ଠାନ ହୁଏ। କିନ୍ତୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାମଲାରେ ପ୍ରଶାସନ ନିରବ ରହିବା ଦୁଃଖଦ ବିଷୟ . ଯଦି ଉମରକୋଟ ରାଜସ୍ୱ ବିଭାଗ ଏ ବିଷୟରେ ତୁରନ୍ତ ପଦକ୍ଷେପ ନ ନିଏ ଆଗାମୀ ଦିନରେ ସାଧାରଣ ଲୋକେ ଜିଲ୍ଲାପାଳ ଏବଂ ରାଜସ୍ୱ କମିଶନରଙ୍କ ସହ ଏ ବିଷୟରେ ଆଲୋଚନା କରିବୁ ବୋଲି ଚେତାବନୀ ଦେଇଛନ୍ତି।

## ତହସିଲଦାରଙ୍କୁ ବିଜେଡି ବିଧାୟିକାଙ୍କ ସ୍ୱାମୀ ହତ୍ୟା ଧମକ ପ୍ରତିବାଦରେ ବିଜେପିର ବିକ୍ଷୋଭ




ନର୍ଲା, (ମହାଭାରତ) : କଳାହାଣ୍ଡି ଜିଲ୍ଲା ନର୍ଲା ଚାରିଛକ ଠାରେ ରବିବାର ସନ୍ଧ୍ୟା ୭ଘଣ୍ଟା ସମୟରେ ବିଜେପି ନର୍ଲା ଶାଖା ପକ୍ଷରୁ ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଓରଫ( ମୁନ୍ନା ) ମହାନ୍ତି ଙ୍କ ବିପକ୍ଷରେ ଶତାଧିକ ବିଜେପି କର୍ମୀ ବିଭିନ୍ନ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ସୂଚନା ଅନୁଯାୟୀ ଗତ କିଛିଦିନ ତଳେ ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତି ଙ୍କ ସ୍ୱାମୀ ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି କୌଣସି ଏକ କାର୍ଯ୍ୟକୁ ନେଇ ନର୍ଲା ତହସିଲଦାର ଙ୍କୁ ଫୋନ ଯୋଗେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ତହସିଲଦାର ଶ୍ରୀ ବିଭୁ ପ୍ରସାଦ ସିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଏଭଳି ନର୍ଲା ବ୍ଲକ ରେ ବିଧାୟିକା ଙ୍କ ସ୍ୱାମୀ ବିଭିନ୍ନ ଅଧିକାରୀ ମାନଙ୍କୁ ବିଭିନ୍ନ ସମୟରେ ଧମକ ଚମକ ଦେଇ ଭୟଭୀତ କରି ନିଜର ସ୍ୱାର୍ଥ ସାଧନ କରୁଥିବା ଏବଂ ସରକାରୀ କଳ କୁ ନିଜ ବାହୁ ବଳରେ ରଖି ଦୀର୍ଘ ଦଶ ବର୍ଷ ଧରି ବ୍ଲକ କୁ ସମ୍ପୂର୍ଣ ଦୁର୍ନୀତି ରେ ବୁଡାଇ ରଖିଥିବା ବିଜେପି କର୍ମୀ ମାନେ ଅଭିଯୋଗ ଆଣିଛନ୍ତି ଏବଂ ଦୁର୍ନୀତି ଖୋର ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଓ ରଫ (ମୁନ୍ନା) ମହାନ୍ତି ଙ୍କୁ ତୁରନ୍ତ ପୋଲିସ ଗିରଫ କରିବା ପାଇଁ ଶତାଧିକ ବିଜେପି କର୍ମୀ ଗଣ ମାଧ୍ୟମ ସମ୍ମୁଖରେ ଦାବି କରିଥିବା ବେଳେ ଅପର ପକ୍ଷରେ ବିଜେଡି କର୍ମୀ ମାନେ ମଧ ସୋମବାର ସକାଳ ୧୧ ଘଣ୍ଟା ସମୟରେ ବିଧାୟିକା ଙ୍କ ସ୍ୱାମୀ ଙ୍କୁ ମିଥ୍ୟା କେସ ରେ ଆକ୍ରୋଶ ମୂଳକ ଭାବରେ ବିଜେପି ସରକାର ଫସାଇବା ଉଦ୍ୟମ କରୁଥିବା ଅଭିଯୋଗ ଆଣି ସରକାର ବିରୋଧୀ ବିଭିନ୍ନ ନାରା ଦେଇ ଶତାଧିକ ବିଜେଡି କର୍ମୀ ନର୍ଲା ତହସିଲ ଅଫିସ ଠାରୁ ଏକ ଶୋଭାଯାତ୍ରା ରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରତିବାଦ ଜଣାଇଛନ୍ତି ଏଭଳି ପରିସ୍ଥିତି ଦୁଇ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗିରହିଛି କିନ୍ତୁ କଳାହାଣ୍ଡି ଏସ ପି ଓ ନର୍ଲା ପୋଲିସ ପରିସ୍ଥିତି କୁ କଡ଼ା ନଜର ରଖି ଅନୁସନ୍ଧାନ ଚଳାଇ ଥିବା ସୂଚନା ରହିଛି।

# ମୋହନା ତହସିଲ କାର୍ଯ୍ୟାଳୟରେ ଷ୍ଟାମ୍ପ ପେପର ସାତ ସପନ




ମୋହନା, (ମହାଭାରତ) : ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା କରି ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଗଜପତି ଜିଲ୍ଲା ମୋହନା ତହସିଲ କାର୍ଯ୍ୟାଳୟ ସମ୍ପୂର୍ଣ ଭାବେ ସୁପ୍ତ ଅବସ୍ଥାରେ ରହିଛି ବୋଲି କହିଲେ ଅତୃପ୍ତି ହେବନାହିଁ । ଓଡିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ହେଉଛି ମୋହନା ବ୍ଲକ। ୩୯ ଗୋଟି ପଂଚାୟତକୁ ନେଇ ଗଠିତ ଏହି ବ୍ଲକଟି ବିକାଶ ଠାରୁ ବହୁ ଦୂରରେ ରହିଛ। ଏହି ବ୍ଲକରେ ଆଦିବାସୀ ଶ୍ରେଣୀର ଲୋକେ ପାଖାପାଖି ୬୫ ଶତକଡ଼ା ବସବାସ କରୁଥିବା ବେଳେ ଆଉ ୩୫ ଭାଗ ସାଧାରଣବର୍ଗ ଲୋକେ ରହୁଛନ୍ତି। ଯାହା ଫଳରେ କିଛି ଅଧିକାରୀ ମାନେ ଲୋକଙ୍କୁ ଭୁଆଁ ବୁଲାଇବାରେ ଉସ୍ତାଦ ରହିଥିବା ନଜିର ରହିଛି। ହେଲେ ଆଜି ମଧ ଲୋକେ ଠକାମୀର ଶିକାର ହେବାକୁ ପଡୁଛି। ଯେଉଁଠି ୧୦୦ ଟଙ୍କା ଖର୍ଚ୍ଚ ହେବା କଥା ସେଇଠି ତାର ଦୁଇରୁ ତିନି ଗୁଣ ଦେବାକୁ ପଡୁଛି। ଯାହାକୁ ନେଇ ଦିନକୁ ଦିନ ଦଲାଲ ମାଲେମାଲ ହେଉଥିବା ଦେଖିବାବେଳେ ନିରୀହ ଲୋକେ ଖର୍ଚ୍ଚାନ୍ତ କରି କରି ନୟାନ୍ତ ହେଉଛନ୍ତି । ମୋହନା ମେଡିକାଲ୍ ପରିସରରେ ଜନ୍ମ ମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟ ରହିଛି। ହେଲେ ଆବଶ୍ୟକ ଅନୁସାରେ ଏକଜୁଟିଭ ମାଜିଷ୍ଟ୍ରେଟ ଙ୍କ ନିକଟରେ ଆଫିଡେଫିଟ କରିବା କଥା। କିନ୍ତୁ ସମସ୍ତ କ୍ଷେତ୍ରରେ ଆଫିଡେଫିଟ ବଧ୍ୟତା ମୂଳକ କହି ଲୋକଙ୍କୁ ହଇରାଣ ହରକତ କରାଯାଉଛି । ଯଦି କେହି ଜମିବାଡ଼ି କିଣାବିକା କରନ୍ତି ତାହେଲେ ଷ୍ଟାମ୍ପର ଆବଶ୍ୟକତା ପଡ଼େ କିନ୍ତୁ ଦୁଃଖ ଏବଂ ପରିତାପରର ବିଷୟ ଏହି ତହସିଲରେ କୌଣସି ଷ୍ଟାମ୍ପ ଭେଣ୍ଡରକୁ ନିୟଜିତ କରାଯାଇନାହିଁ । ଯେଉଁ ଷ୍ଟାମ୍ପଟି ତହସିଲରେ ମିଳିବା କଥା ତାହା ମୋହନା ସହର ପାନ ଦୋକାନ ଓ ପାରିବା ଦୋକାନରେ ଉପଲବ୍ଧ ହେଉଛି। ଲୋକେ ସେହି ଦୋକାନ ମାନଙ୍କରୁ ଦୁଇ ରୁ ତିନି ଗୁଣା ଅଧିକ ଦରରେ ଟଙ୍କା ଖର୍ଚ୍ଚାନ୍ତ କରି ଷ୍ଟାମ୍ପ କିଣି ଆଫିଡେଫିଟ କରିବାକୁ ପଡୁଛି। ଅନ୍ୟପଟେ ଜମି ପଞ୍ଜିକରଣ ପାଇଁ ମଧ ତହସିଲ କାର୍ଯ୍ୟାଳୟରେ ଦଲାଲମାନେ ଦିନରାତି ପଡ଼ି ରହୁଛନ୍ତି। ପଞ୍ଜିକରଣ କରିବା ପାଇଁ ହେଲେ ସିଧାସଳଖ ତହସିଲଦାର ହିତାଧିକାରୀଙ୍କୁ ଦଲାଲଙ୍କ ପାଖକୁ ପଠାଉଥିବା ଅଭିଯୋଗ ଅନେକ ସମୟରେ ଆସୁଛି। ଯାହାକୁ ନେଇ ଷ୍ଟାମ୍ପ ଭେଣ୍ଡର, ଦଲାଲି ଓ ଖୋଦ୍ ତହସିଲଦାରଙ୍କ ମିଳି ଭଗତ ରେ ହରି ଓମ୍ ସ୍ୱାହା ଚାଲିଥିବା ନେଇ ଅଭିଯୋଗ ଆସୁଛି। ଯଦି ଲୋକଙ୍କ ସମସ୍ୟା ତହସିଲଦାର ଦେଖିଥାନ୍ତେ ତାହେଲେ ତହସିଲ୍ କାର୍ଯ୍ୟାଳ ରେ ଷ୍ଟାମ୍ପ ଭେଣ୍ଡରକୁ ବସାଇ ରଖିଥାନ୍ତେ। ଏଭଳି ଲୋକଙ୍କୁ ୧୦ ଜାଗାରେ ୧୦୦ ଖର୍ଚ୍ଚ କରିବାକୁ ପଡ଼ି ନଥାନ୍ତା । ଓଡ଼ିଶାରେ ସରକାର ପରିବର୍ତ୍ତନ ହେବା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଢାଞ୍ଚା ପରିବର୍ତ୍ତନ ହେଉଛି ତାହେଲେ ମୋହନା ତହସିଲରେ କାହିଁକି ଏଭଳି ଢାଞ୍ଚା ପରିବର୍ତ୍ତନ ହେଉନି ବୋଲି ବର୍ତ୍ତମାନ ବିଦ୍ଧିଜୀବୀ ମହଲରେ ମତ ପ୍ରକାଶ କରିଛନ୍ତି ଏବଂ ଏହି କାର୍ଯ୍ୟାଳୟରେ ଷ୍ଟାମ୍ପ ଭେଣ୍ଡରକୁ ନିୟୋଜିତ କରାଯାଉ ବୋଲି ଅଞ୍ଚଳରେ ଦାବୀ ଜୋର ଧରୁଛ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଜୟପୁର ପ୍ରଜ୍ଞା ଶିଶୁ ବିଦ୍ୟାମନ୍ଦିରର ୨୩ ତମ ବାର୍ଷିକ ଉତ୍ସବର ଅନୁଷ୍ଠିତ

ଆସିକା (ମହାଭାରତ): ଆସିକା ବ୍ଲକ ଜୟପୁର ପଞ୍ଚାୟତ ଅଧିନ ଜୟପୁର ଗ୍ରାମରେ ଅବସ୍ଥିତ ପ୍ରଜ୍ଞା ଶିଶୁ ବିଦ୍ୟାମନ୍ଦିରର ୨୩ ତମ ବାର୍ଷିକଉତ୍ସବ ମହାଆଡମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକଉତ୍ସବଟି ବିଦ୍ୟାଳୟର ପ୍ରଧାନାର୍ଯ୍ୟ ସିମାଞ୍ଚଳ ପାଢ଼ୀଙ୍କ ସଂଯୋଜନା ଓ ଅବସର ପ୍ରାପ୍ତ ବ୍ରିଗେଡ଼ିଆର ଅଭିମନ୍ୟୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥୀ ରୁପେ ସମାଜସେବୀ ବଂଶୀଧର ନାହାକ ପ୍ରଦିପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥୀ ରୁପେ ସନ୍ୟାସୀ ନାହାକ,ସୁଜାତା ସାହାଣୀ ସମାଜ ସେବୀ ଭଗବାନ ସାହୁ,ବିଚିତ୍ରାନନ୍ଦ ମୁନି,ରାଜୀବ ଲୋଚନ ସେଠୀ ପ୍ରମୁଖ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ରୁପେ ସୁଧାନିଧି ଚୌଧୁରୀ ନିଜ ଅଭିଭାଷଣରେ ଶିଶୁଙ୍କ ଉଜ୍ୱଳ ଭବିଷ୍ୱତ କାମନା କଳିବା ସହିତ ବିଦ୍ୟାମନ୍ଦିର ଉନ୍ନତି କରିବା ସକାଶେ ଗୁରୁଜୀଗୁରୁମା ଓ ଅଭିଭାବକଙ୍କୁ ସମ୍ପୁର୍ଣ୍ଣ ସହଯୋଗ କରିବାପାଇଁ ଅନୁରୋଧ କରିଥିଲେ। ଏହି ବାର୍ଷିକଉତ୍ସବର ପ୍ରାରମ୍ଭରେ ପ୍ରାରମ୍ଭିକ ସଂଗୀତ, ଅତିଥୀ ପରିଚୟ ପ୍ରଦାନ ପରେ ଅତିଥୀ ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କୃତ କରାଯିବା ପରେ ବିଦ୍ୟାମନ୍ଦିର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟ ର ଗୁରୁମା ସରୋଜିନୀ ମହାନ୍ତି,ଝିଲ୍ଲୀ ଦାସ,ସୁନିତା ନାହାକ,ସବିତା ରାଉତ, ସୌଦାମିନୀ ରାଉତ,ଚିନ୍ମୟୀ ବାରିକ , ପ୍ରିୟଙ୍କା ରାଉତ,ସଂଗୀତା ଅଧିକାରୀ,ପ୍ରମିଳା ସାମଲ,ରାଧାମଣୀ ପ୍ରମୁଖ ସହଯୋଗ କରିଥିଲେ।

## ନଳବଣ୍ଟା ରେ ନବଦିନ ବ୍ୟାପି ରାମ ଚରିତ୍ର ପ୍ରବଚନ

ଆସିକା (ମହାଭାରତ): ଆସିକା ନିକଟସ୍ଥ ନଳବଣ୍ଟା ଗ୍ରାମର କୋଳିସାହି ରେ ନବଦିନ ବ୍ୟାପି ରାମ ଚରିତ୍ର ମାନସ ପରାୟଣ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଶ୍ରୀ ରାମ ନବମୀ ଯାତ୍ରା ଉପଲକ୍ଷେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ପ୍ରବଚକ ମହନ୍ତ ଅଶୋକ କୁମାର ଦାଶ, ମହନ୍ତ ଦେବରାଜ ଦାଶ ଏବଂ ନିରଞ୍ଜନ ଶାସନୀ ଙ୍କର ସୁନ୍ଦର ପ୍ରବଚନ କାର୍ଯ୍ୟକ୍ରମ ସନ୍ଧ୍ୟା ରେ ଚାଲୁଛି । ଭଗବାନ ଶ୍ରୀ ରାମ ଙ୍କ ଆଗମନ ର ମୁଖ୍ୟ ଠାରୁ ଆରମ୍ଭ କରି ଜନ୍ମ ବୃତ୍ତାନ ସମୟରେ ତାଙ୍କର ଲିଳା, ବିଦ୍ୟା ଶିକ୍ଷା, ଗୁରୁ ଭକ୍ତି, ଧନୁ ଭଗ୍ନ, ସୀତା ବିବାହ,ବନବାସ କାହାଣୀ, ଠାରୁ ଆରମ୍ଭ କରି ଅରଣ୍ୟ କାଣ୍ଡ ର ବୃତାନ୍ତ, ଶବରୀ ଉପାଖ୍ୟାନ, ସୁଗିବ ସହ ମିତ୍ରତା, ହନୁମାନ ସହ ମିଶିବା,ସୀତା ଙ୍କୁ ପଞ୍ଚବଟିରୁ ରାବଣ ନେବା, ଶୁପନେଖା ର କାହାଣୀ, ଲଙ୍କାକାଣ୍ଡ, ଦୃଷ୍ଟ ଅସୁର ମାନଙ୍କୁ ନିଧନ, ସେତୁବନ୍ଧ ପ୍ରତିଷ୍ଠା, ରାବଣ ଙ୍କୁ ଆମନ୍ତ୍ରଣ, ସୁନ୍ଦରା କାଣ୍ଡ, ବାଲ୍ମୀକି ରାମାୟଣ, ଆଦି ଅନେକ ଉପାଖ୍ୟାନ ଉପରେ ଆଲୋଚନା ହୋଇଥିଲା । ଏହା ସହିତ ରଘୁନାଥ ମହାପ୍ରଭୁଙ୍କ ପରିଚାଳନା କମିଟି ଅଧିକାରୀ ଶ୍ରୀ ରଘୁନାଥ ଦାଶ ଙ୍କର ନେତୃତ୍ୱ ଆବାହକ କାର୍ଯ୍ୟ କୁ ନେଇ ପରିଚାଳନା ହେଉଅଛି। ଏହି କାର୍ଯ୍ୟକ୍ରମରେ ରବିନ୍ଦ୍ର ଦାଶ, ଗୋପିନାଥ ଦାଶ, ସିମାଞ୍ଚଳ ପାଳ ବ୍ରହ୍ମାନନ୍ଦ ସାହୁ , କାହ୍ନୁ ଚରଣ ଆଚାରୀ ,ଭଗବାନ ବେହେରା, ରତ୍ନ ଦଳାଇ ,ନରସିଂହ ଆଚାର୍ଯ୍ୟ ଏଥି ସହିତ ଗ୍ରାମବାସୀ ତଥା ଆମରି ଆଖପାଖ ଅଞ୍ଚଳର ଶ୍ରୋତାଙ୍କ ଗହଣରେ କାଯ୍ୟକ୍ରମ ଚାଲୁଅଛି।

## ସୁକିନ୍ଦା ଠିକାଦାର ସଙ୍ଘ ପକ୍ଷରୁ ବୈଠକ



ଦାନଗଦି: (ମହାଭାରତ)ଯାଜପୁର(ଅକ୍ଷର ଓଡ଼ିଶା)ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଠିକାଦାର ସଂଘ ପକ୍ଷରୁ ଦଶମ ସାଧାରଣ ବୈଠକ ଦାନଗଦି ଭବନଠାରେ ଠିକାଦାର ରବିନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଯାଜପୁର ଜିଲ୍ଲା ଠିକାଦାର ସଙ୍ଘର ସଭାପତି ତଥା ରାଜ୍ୟ ଠିକାଦାର ସଙ୍ଘର ଉପ ସଭାପତି ସଂଜୀବ ପରିଡା ଯୋଗ ଦେଇ ସମସ୍ତ ଠିକାଦାର ଭାଇ ମାନେ ଏକ ହୋଇ ରହିବା ପାଇଁ ପରାମର୍ଶ ଦେଇଥିଲେ, ବିଗତ ସରକାରଙ୍କ ଠିକାଦାର ମାନଙ୍କ ସମସ୍ୟା ପ୍ରତି କୌଣସି ଦୃଷ୍ଟି ଦେଇନ ଥିଲେ କିନ୍ତୁ ବର୍ତ୍ତମାନର ସରକାର ଆମର ସମସ୍ୟା ଗୁଡିକ ପ୍ରତି ଦୃଷ୍ଟି ଦେବେ ବୋଲି ପ୍ରତିଶୃତି ଦେଇଛନ୍ତି, ନିଜ ନିଜ ଭିତରେ ପ୍ରତିଯୋଗିତା ନ କରି ସମସ୍ତ ଠିକାଦାର ମାନେ ସରକାରଙ୍କ ର୍ନିଧାରିତ ମୂଲ୍ୟ ଠାରୁ କମରେ ମୂଲ୍ୟ ରେ କୌଣସି ଟେଣ୍ଡର ନପକାଇବା ପାଇଁ କହିଥିଲେ ଏବଂ ସମସ୍ତେ ଏକତ୍ରିତ ହୋଇ ରହିବାକୁ କହିଥିଲେ। ଏଥିରେ ଦୁଇ ବ୍ଲକର ଠିକାଦାର ନିଜର ମତାମତ ଦେବା ସହ ସଂଘର ଆଗାମୀ କାର୍ଯ୍ୟପ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ରମଣୀ ରଞ୍ଜନ ବଳ ସାମନ୍ତ ଯୋଗ ଦେଇ ସମସ୍ତେ ଏକ ରହିବା ଦରକାର ଏକତା ହିଁ ବଳ ବୋଲି କହିବା ସହ ସେଡୁଲ ରେଟରେ କାମ ପାଇଁ ସମସ୍ତେ ପକାନ୍ତୁ ବୋଲି କହିଥିଲେ।ସଙ୍ଘର ବରିଷ୍ଠ ଉପଦେଷ୍ଟା ସୁଧାଂଶୁ ଶେଖର ଭଞ୍ଜ ଯୋଗ ଦେଇ ନିଜ ନିଜ ଭିତରେ ଶୃଙ୍ଖଳା ଓ ଏକତା ଭାଇଚାରା ଭାବରେ ଏକ ରହି ଆମ ଅଞ୍ଚଳର ବିକାଶ ପାଇଁ ସିଡୁଲ ରେଟରେ କାମ ନେଇ ଉଚ୍ଚ ମାନର କାମ କରନ୍ତୁ ନିଶ୍ଚିତ ସମସ୍ତେ ଖୁସି ହେବେ ବୋଲି ତାଙ୍କ ବକ୍ତବ୍ୟ ରେ କହିଥିଲେ।ଏହି ବୈଠକରେ ହରେକୃଷ୍ଣ ସାହୁ,ଅଭିରାମ ଦାସ,ଦୁଷ୍ମନ୍ତ ବିଶ୍ୱାଳ, ସନ୍ତୋଷ ଧଳ,ଲମ୍ବୋଧର ଦଳ ବେହେରା, ମଳୟ କୁମାର ରାଉତ,ଚିତ୍ତରଞ୍ଜନ ମୁଦୁଲି,ନସୀମ ଉଦ୍ଦିନ ଖାଁ, ଅବିନାଶ ମିଶ୍ର,ଅସିତ ମହାନ୍ତ,ସଞ୍ଜୟ ମହାନ୍ତ ପ୍ରମୁଖ ସମେତ ୧୫୦ରୁ ଉର୍ଦ୍ଧ୍ୱ ଠିକାଦାର ଉପସ୍ଥିତ ଥିଲେ।

## ନିମ୍ନ ମାନର କଂକ୍ରିଟ ରାସ୍ତା ର୍ନିମାଣ କୁ ନେଇ ଅଭିଯୋଗ



ପାଟଣା:-(ମହାଭାରତ) ଗୋଟିଏ ଦିନରେ ସୂଚନା ଫଳକ,ବାଲି ଫିଲିଂ,ମେଂଟାଲିଂ ସହିତ ଚିପ୍ସ ଲେଇ ର୍ନିମାଣ ହୋଇଛି। ଏପରି ଦୃଶ୍ୟ ଦେଖିବାକୁ ମିଳି ଛି।କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ବଡ଼ବିଲ ପଞ୍ଚାୟତ ଅନ୍ତର୍ଗତ ତିଳବେଡା ଗ୍ରାମ ରୁ ବାରତଣିଆଁ ପ୍ରର୍ଯ୍ୟନ୍ତ କଂକ୍ରିଟ ରାସ୍ତା ର୍ନିମାଣ ହୋଇଛି । ଏହି କଂକ୍ରିଟ ରାସ୍ତାଟି ଆର୍ଥିକ ୨୦୨୫-୨୬ ବର୍ଷ ଅନୁମଦନ ରେ ୪,୨୬, ୪୦୪ ଲକ୍ଷ୍ୟଟଙ୍କା ବ୍ୟୟ ରେ ରାସ୍ତା ର୍ନିମାଣ ତାଲିକା ପ୍ରସ୍ତୁତ ହୋଇଥିଲା । ଏହି କଂକ୍ରିଟ ରାସ୍ତାର ସୂଚନା ଫଳକ ରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ନ ଥିବା ବେଳେ ଗତ ଶନିବାର ଦିନ କାମ ହୋଇଛି । ଏହି ରାସ୍ତା ର୍ନିମାଣ ବେଳେ କୌଣସି ଅଧିକାରୀ ବା କର୍ମଚାରୀ ଙ୍କ ଉପସ୍ଥିତି ଦେଖିବାକୁ ମିଳି ନାହିଁ। ଗୋଟିଏ ଦିନରେ ସମସ୍ତ ପ୍ରକାର କାମ କରାଯିବା ସହ ବ୍ଲକ ପ୍ରଶାସନ କି କୌଣସି କର୍ମଚାରୀ ଙ୍କ ଉପସ୍ଥିତି ନ ଥାଇ ରାସ୍ତା ର୍ନିମାଣ ରେ ବ୍ୟାପକ ମାତ୍ରାରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ବାରି ହେଉଛି । ଏହି ନିମ୍ନ ମାନର ରାସ୍ତା ର୍ନିମାଣ କାର୍ଯ୍ୟ କୁ ନେଇ ସାଧାରଣ ଓ ବୁଦ୍ଧିଜିବୀ ମହଲ ରେ ଅସନ୍ତୋଷ ଦେଖାଦେବା ସହିତ ଜିଲ୍ଲା ପ୍ରଶାସନ ନିମ୍ନମାନ ରାସ୍ଥା ର୍ନିମାଣ କୁ ଦୃଷ୍ଟି ଆକର୍ଷଣ କରିବାକୁ ଗ୍ରାମବାସୀ ଙ୍କ ଦାବି ଜୋର୍ ଧରିଛି।

## ସ୍ୱଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି:ଅଁଲୋକଙ୍କ ସମସ୍ୟାର ହେଲା ସମାଧାନ



ମାଲକାନଗିରି, (ମହାଭାରତ): ସ୍ୱାଭିମାନ ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଚିତ୍ରକୋଣ୍ଡା ବ୍ଲକର ଯନ୍ତ୍ରୀ ପଞ୍ଚାୟତ ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧକ୍ଷତାରେ ଏକ ଯୁଗ୍ମ ଜନ ଶୁଣାଣି ଓ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ପହଞ୍ଚିଥିଲେ। ଶିବିରରେ ୨୬ ଟି ବ୍ୟକ୍ତିଗତ ଓ ୫୧ ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗର ଶୁଣାଣୀ କରାଯାଇଥିଲା । ଏଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଜମି ପଟ୍ଟା ସମ୍ପର୍କିତ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ସହାୟତା ପାଇଁ ଆସିଥିବା ଅଭିଯୋଗର ଶୁଣାଣୀ କରାଯାଇଥିଲା । ଏଥି ସହିତ ଗ୍ରାମରେ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଏବଂ ରାସ୍ତାଘାଟ ସମସ୍ୟାର ସମାଧାନ ପାଇଁ ଶୁଣାଣୀ କରଯାଇଥିଲା। ଜିଲ୍ଲାପାଳ କେତେକ ଗୁରୁତର ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ବ□ନ କରାଯାଇଥିଲା। ଏଥିସହିତ ବିଭିନ୍ନ ସରକାରୀ ଯୋଜନାର ସୁବିଧା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ତୋଳାମଣି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ସମସ୍ୟାକୁ ଶୁଣିଥିଲେ। ଏଥିସହ ସମସ୍ତ ତହସିଲଦାର, ବିଡିଓ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଦୁର୍ଗମ ଅଞ୍ଚଳରେ ପ୍ରଶାସନ ପହଞ୍ଚି ଲୋକଙ୍କ ଦୁଃଖ ବୁଝୁଥିବାରୁ ସ୍ଥାନୀୟ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି।

## ବୀରଭଦ୍ର ନୋଡାଲ ବିଦ୍ୟାପୀଠରେ ହୀରକ ଜୟନ୍ତୀ ପାଳିତ




କାକଟପୁର (ମହାଭାରତ) :ପୁରୀଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ ବାଙ୍ଗୁରୀଗାଁ ବୀରଭଦ୍ର ନୋଡାଲ ହାଇସ୍କୁଲର ହୀରକ ଜୟନ୍ତୀ ଉଦ୍ଘାଟିତ ହୋଇଯାଇଛି। ଏହି ସମାରୋହରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ପହଂଚିବା ପରେ ପୁରାତନ ଛାତ୍ର ସଂସଦର ସଦସ୍ୟାସଦସ୍ୟ ଓ ବାଙ୍ଗୁରୀଗାଁ ଅଞ୍ଚଳବାସୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଆଜ୍ଞାମାଳ ଆଣି ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀମତୀ ପରିଡାଙ୍କୁ ନୋଡ଼ାଲ ହାଇସ୍କୁଲକୁ ପାଛୋଟି ଆଣିଥିଲେ । ଭଗବତୀ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଉକ୍ତ ହୀରକ ଜୟନ୍ତୀ ସମାରୋହର ପ୍ରଥମ ସନ୍ଧ୍ୟାରେ ସମ୍ପାଦକ ପ୍ରଫୁଲ୍ଲ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେୟ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା,ସମ୍ମାନୀତ ଅତିଥି ଭାବେ କାକଟପୁର ର୍ନିବାଚନ ମଣ୍ଡଳୀର ବିଧାୟକ ଇଂ ତୁଷାରକାନ୍ତି ବେହେରା , ପୁରୀଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ,ସ୍କୁଲର ଅବସରପ୍ରାପ୍ତ ପ୍ରଥମ ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁ, ପୁରୀଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ,ଭଗବତୀ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଜେନା,ବାଙ୍ଗୁରୀଗାଁ ସରପଞ୍ଚ ପାର୍ଥସାରଥୀ ବେହେରା,କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତ,କାକଟପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଜଗତସିଂହପୁର ସାଂସଦ ଙ୍କ ୨ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ରାକେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସ୍ଥାନୀୟ ଭାଷାର ଆବଶ୍ୟକତା ନିର୍ଣ୍ଣୟ କରିବା ଏବଂ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ କରିବାକୁ ଆଶା କରାଯାଉଥିବା ପିଲାଙ୍କ ସଂଖ୍ୟା ଆକଳନ କରିବାପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେବା ସହିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହିତ ଭଗବତୀ ନୋଡାଲ ବିଦ୍ୟାପୀଠର ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ସର୍ବଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଶଲେନ୍ୟକୁମାର ପାତ୍ର,କୃଷ୍ଣଚନ୍ଦ୍ର ନାୟକ, ନୃସିଂହ ଚରଣ ବେହେରା, ଝରଣା ପରିଡାଙ୍କ ସମେତ ସମସ୍ତ ପୁରାତନ ଛାତ୍ରଛାତ୍ରୀ ମାନେ ପରିଚାଳନା କରିଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାକେଶ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ଆର.ଉଦୟଗିରି ପଞ୍ଚାୟତ ସମିତିର ସମୁଦାୟ ମୋଟ-୪୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୦୬ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୩୯ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ର୍ନିମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା।

ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଆର.ଉଦୟଗିରି ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଶବର,ତହସିଲଦାର ଶ୍ରୀ ଜ୍ୟୋତିମୟ ଦାଶ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଦାନଗଦୀ : (ମହାଭାରତ )ଦାନଗଦୀ ବ୍ଲକ ମାନତୀରା ସରସ୍ୱତୀ ଶିଶୁ ମନ୍ଦିର ର ଦ୍ୱିତୀୟ ବାର୍ଷିକ ଉତ୍ସବ ମହାଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି।ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ଼କ୍ଟର ପ୍ରଦୀପ ବଳ ସାମନ୍ତ ଯୋଗ ଦେଇପ୍ରଦୀପ ପ୍ରଜ୍ୱଳନ କରି ଧିମତେ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିବା ସହ ଆଜିର ଆଧୁନିକ ଯୁଗରେ କେବଳ ଶିଶୁ ମନ୍ଦିର କେବଳ ଶିଶୁ ମାନଙ୍କୁ ରାଷ୍ଟ୍ରପାଇଁ ଭଲ ମଣିଷ ତିଆରି କରେ ବୋଲି କହିଥିଲେ,ଅନ୍ୟତମ ଅତିଥି ଭାବେ ମୁଖ୍ୟକ୍ତା ଶିବ ଚରଣ ମାଝୀ ପ୍ରାକ୍ତନ ଅଧକ୍ଷ ବ୍ୟାସ ନଗର କଲେଜ ର ଯୋଗ ଦେଇଥିଲେ, ସମ୍ମାନିତ ଅତିଥି ଭାବେ ସମୀର କୁମାର ପୂଜାରୀ, କାର୍ତ୍ତିକ ଆର. ଭି., ଗୁପ୍ତା ଭିଗୋବ ପରିଡା ଯୋଗ ଦେଇ ଶିଶୁ ମାନଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ, ପରିଚାଳନା କମିଟିର ସଭାପତି ଦୁଷ୍ମନ୍ତ କୁମାର ପାଳ ଙ୍କ ସଭାପତିତ୍ୱ ରେ ହୋଇଥିବା କାର୍ଯ୍ୟକ୍ରମ ଟିରେ ବିଦ୍ୟାଳୟ ସମ୍ପାଦକ ଭକ୍ତ ଭୂଷଣ ଓଝା ବାର୍ଷିକ ବିବରଣୀ ପାଠ କରିଥିଲେ।, ପ୍ରଧାନ ଆଚାର୍ଯ୍ୟ ମଞ୍ଜୁଲତା ଥାଟୋଇ, ଯୁବ ସମାଜସେବୀ ସଞ୍ଜୟ କୁମାର ମହାନ୍ତି, କୃପାସିନ୍ଧୁ ସାମନ୍ତ ରାୟ, ପ୍ରଭାସ ସିଂ ପ୍ରମୁଖ ମଞ୍ଚାସିନ ଅତିଥି ମାନେ ଉପସ୍ଥିତ ଥିଲେ , ବିଦ୍ୟାଳୟ ତରଫରୁ ସମସ୍ତ ଅତିଥି ମାନଙ୍କୁ ପୁଷ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା, ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା।

## ଆବାସିକ ଶିଶୁ ବିଦ୍ୟା ମନ୍ଦିର ର ଅଷ୍ଟମ ବାର୍ଷିକ ଉତ୍ସବ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସଅରାପଶି ଆବାସିକ ଶିଶୁ ବିଦ୍ୟା ମନ୍ଦିର ର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ କଳ୍ପନା ମହାନ୍ତ ଙ୍କ ସଭାପତି ରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିନତୀ ବାନରା ଯୋଗଦାନ କରିଛନ୍ତି। ମୁଖ୍ୟ ବକ୍ତା ଭାବେ ଅବସପ୍ରାପ୍ତ ଶିକ୍ଷା ଅଧିକାରୀ ତଥା କବିବର ଭାରତ ଚନ୍ଦ୍ର ସାହୁ, ଯୋଗଦେଇ ଛନ୍ତିୟ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ନୃସିହନାଥ ସିଂ, ବିଦ୍ୟାମନ୍ଦିର ପ୍ରତିଷ୍ଠାଦାତା ରଇଦାସ ମହାନ୍ତ,୨୯ ନମ୍ବର ଜୋନ ଜିଲ୍ଲା ପରିଷଦ ରୁନୁ ମହାନ୍ତ,ଅବସପ୍ରାପ୍ତ ଶିକ୍ଷକ କରୁଣା କର ମହାନ୍ତ,ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ ଯୋଗଦାନ କରିଛନ୍ତିୟ ଏହି ବାର୍ଷିକ ଉତ୍ସବ ଅବସର ରେ ବିଦ୍ୟାମନ୍ଦିର ର କୃତି ଛାତ୍ରଛାତ୍ରୀ ମାନ ଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କାର ପ୍ରଦାନ କରାଯାଇ ଛି।

## ମାଲକାନଗିରି ଜିଲ୍ଲାରେ ଓଡ଼ିଆ ପକ୍ଷ-୨୦୨୬ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ:

# ବ୍ଲକ ଓ ପଞ୍ଚାୟତ ସ୍ତରରେ ପାଳିତ ହେବ ଭାଷା ଓ ସଂସ୍କୃତିର ଉତ୍ସବ



ମାଲକାନଗିରି,(ମହାଭାରତ):ଆସନ୍ତା ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳିତ ହେବାକୁ ଥିବା ଓଡ଼ିଆ ପକ୍ଷ-୨୦୨୬ କାର୍ଯ୍ୟକ୍ରମକୁ ମାଲକାନଗିରି ଜିଲ୍ଲାରେ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହି ଉତ୍ସବକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏପ୍ରିଲ ୧ ଓଡ଼ିଶା ଦିବସ ଦିନ ଜିଲ୍ଲା ସଦର ମହକୁମା ଓ ବ୍ଲକ ସ୍ତରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ।ଏପ୍ରିଲ ୨ କୁ ଖଡ଼ିଛୁଆଁ ଦିବସ ଭାବେ ପାଳନ କରାଯାଇ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇ ପାରମ୍ପରିକ ରୀତିରେ ବିଦ୍ୟାରମ୍ଭ କରାଯିବ।ଏପ୍ରିଲ ୩ ରେ ଆମ ପୋଷାକ, ଆମ ପରିଚୟ ବାର୍ତ୍ତା ନେଇ ସବୁ ସରକାରୀ କର୍ମଚାରୀ ଓ ସାଧାରଣ ଜନତାଙ୍କୁ ଓଡ଼ିଆ ପାରମ୍ପରିକ ହସ୍ତତନ୍ତ ବସ୍ତ୍ର ପରିଧାନ ପାଇଁ ପ୍ରୋତ୍ସାହିତ କରାଯିବ।ଏପ୍ରିଲ ୬ ରେ ଐତିହ୍ୟ ସଂରକ୍ଷଣ ଓ ସ୍ୱଚ୍ଛତା ପାଇଁ ଜିଲ୍ଲାର ପ୍ରମୁଖ ମନ୍ଦିର ଓ ଐତିହ୍ୟ ସ୍ଥଳୀଗୁଡ଼ିକରେ ବ୍ୟାପକ ସଫେଇ ଅଭିଯାନ କରାଯିବ। ସେହିପରି ଜିଲ୍ଲାର ସମସ୍ତ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ନାମଫଳକ ଲଗାଇବାକୁ ସଚେତନତା ସୃଷ୍ଟି କରାଯିବ।ସ୍କୁଲ ଓ କଲେଜ ସ୍ତରରେ ଯୁବ ଲେଖକମାନଙ୍କୁ ନେଇ ସମ୍ମିଳନୀ ଆୟୋଜନ ହେବ। ଏପ୍ରିଲ୍ ୧୪ ରେ ଆମ ରୁଚି, ଆମ ଖାଦ୍ୟ ଥିମ୍ ରଖାଯାଇ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ପାରମ୍ପରିକ ଖାଦ୍ୟ ଓ ପଣା ବିତରଣ କରାଯିବ। ଏହି କାର୍ଯ୍ୟକ୍ରମଗୁଡ଼ିକର ସଠିକ୍ ପରିଚାଳନା ପାଇଁ ସମସ୍ତ ବିଡିଓ, ତହସିଲଦାର ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ବୈଠକ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ପୃକ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ଓ ସଂସ୍କୃତି ଆମର ଗର୍ବ, ଏହାକୁ ସୁରକ୍ଷିତ ରଖିବା ପାଇଁ ପ୍ରତିଟି ଜିଲ୍ଲାବାସୀ ସାମିଲ ହେବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଛି।

## ତେଲଙ୍ଗାନା ବିଧାନସଭାରେ ନୂଆ ବିଲ୍ ଗୃହୀତ, ଆଇନ ପରିସରକୁ ଆସିବେ ଜନ ପ୍ରତିନିଧୀ

ତେଲଙ୍ଗାନା: ତେଲଙ୍ଗାନା ବିଧାନସଭାରେ ରବିବାର ଗୃହୀତ ହୋଇଛି 'ତେଲଙ୍ଗାନା ଏମ୍ପ୍ଲଇଜ୍ ଆକାଉଣ୍ଟାବିଲିଟି ଆଣ୍ଡ୍ ମନିଟରିଂ ଅଫ୍ ପ୍ୟାରେଣ୍ଟାଲ ସର୍ପୋଟ ବିଲ୍୨୦୨୬' । ବରିଷ୍ଠ ନାଗରିକଙ୍କ ଆର୍ଥିକ ନିରପତ୍ତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ବିଲ୍ ଅଣାଯାଇଛି । ଏହା ଅନୁସାରେ, ପିତାମାତାଙ୍କ ଯତ୍ନ ନ ନେଲେ ଉଭୟ ସରକାରୀ ଏବଂ ବେସରକାରୀ କର୍ମଚାରୀଙ୍କ ସମେତ ଜନପ୍ରତିନିଧିଙ୍କ ଦରମା କଟିବ । ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ କହିଛନ୍ତି, ଏହି ବିଲ୍ ଏବେର କେନ୍ଦ୍ରୀୟ ଆଇନଠାରୁ ଆଉ ପାଦେ ଆଗକୁ ଯାଇ କାମ କରିବ ।

ଦେଶରେ ପୂର୍ବରୁ 'ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭' ରହିଛି । ତେବେ ତେଲଙ୍ଗାନାର ଏହି ନୂଆ ବିଲ୍ରେ ଜନପ୍ରତିନିଧି ଏବଂ ବେସରକାରୀ କର୍ମଚାରୀଙ୍କୁ ମଧ ଅନ୍ତର୍ଭୂକ୍ତ କରାଯାଇଥିବା ରେଡ୍ଡୀ ପ୍ରକାଶ କରିଛନ୍ତି । ଏହି ବିଲ୍ ଅନୁଯାୟୀ, ଜନ ପ୍ରତିନିଧି, ସରକାରୀ ଏବଂ ବେସରକାରୀ କର୍ମଚାରୀମାନେ ସେମାନଙ୍କ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ବାଧ୍ୟତାମୂଳକ । ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଦରମାରୁ ୧୫ ପ୍ରତିଶତ କିମ୍ବା ୧୦ ହଜାର ଟଙ୍କା (ଯେଉଁଟା କମ୍ ଥିବ) କଟିବ । ସେହି ଟଙ୍କା ସେମାନଙ୍କ ପିତାମାତାଙ୍କୁ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ରେଡ୍ଡୀ ବ୍ୟବସାୟୀ ବିଜୟପତ ସିଂଘାନିଆଙ୍କ ଉଦାହରଣ ଦେଇଥିଲେ, ଯିଏ କି ତାଙ୍କର ସମସ୍ତ ସମ୍ପତ୍ତି ନିଜ ପୁଅକୁ ଦେଇଥିଲେ । ଏହାପରେ ତାଙ୍କୁ ଘରୁ ବାହାରିଯିବାକୁ ପଡ଼ିଥିଲା । ରେଡ୍ଡୀ ଆହୁରି କହିଛନ୍ତି, ରାଜ୍ୟ ସରକାର ସାମାଜିକ ଦାୟିତ୍ୱବୋଧ ଭାବେ ଏହି ବିଲ୍ ଆଣିଛନ୍ତି । ଏହା ଅନ୍ୟ ସାଧାରଣ ଆଇନ ପରି ନୁହେଁ । ଏହା ଲୋକଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବ । ଯେଉଁମାନେ ନିଜ ପିତାମାତାଙ୍କୁ ଅବହେଳା କରିବେ ସେମାନେ ଆଇନ ପରିସରକୁ ଆସିବେ । ଏପରି ହେଲେ ସେମାନେ ପିତାମାତାଙ୍କ ଯତ୍ନ ନେବାକୁ ବାଧ୍ୟ ହେବେ । ଯେଉଁ ସନ୍ତାନମାନେ ପିତାମାତାଙ୍କୁ ଅବହେଳା କରୁଛନ୍ତି ସେମାନଙ୍କୁ ସଜାଡ଼ି ଠିକ୍ ବାଟକୁ ଆଣିବା ସମାଜର ଦାୟିତ୍ୱ । କିନ୍ତୁ ରାଜ୍ୟକୁ ଏଭଳି ଆଇନ ପ୍ରଣୟନ କରିବାକୁ ପଡ଼ିବା ଦୁର୍ଭାଗ୍ୟଜନକ । ଯେଉଁମାନେ ନିଜ ମାତାପିତାଙ୍କୁ ଅବହେଳା କରନ୍ତି ସେମାନଙ୍କର ସମାଜରେ ବଞ୍ଚି ରହିବାର ଅଧିକାର ନାହିଁ ବୋଲି ରେବନ୍ତ ରେଡ୍ଡୀ କହିଛନ୍ତି । ବିଜେପି ମଧ ଏହି ବିଲ୍କୁ ସମର୍ଥନ କରିଛି । ବିଜେପି ବିଧାୟକ ପାୟଲ ଶଙ୍କର କହିଛନ୍ତି, ଏପରି ବିଲ୍ ଅଣାଯିବା ପ୍ରଥମ ଘଟଣା । ତେବେ ଦଣ୍ଡ ବାବଦ ଆର୍ଥିକ ରାଶି ଅଧିକ ବୃଦ୍ଧି କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି ।

# ସ୍ଥଳଯୁଦ୍ଧ ପାଇଁ ଆମେରିକାର ଚକ୍ରବ୍ୟୁହ: ହର୍ମୁଜ ପ୍ରଣାଳୀକୁ ମୁକ୍ତ କରିବାକୁ ୩,୫୦୦ ମେରିନ୍ କମାଣ୍ଡୋ ପ୍ରସ୍ତୁତ

ୱାସିଂଟନ/ତେହେରାନ/ଦୁବାଇ: ଇରାନରେ ସ୍ଥଳ ଆକ୍ରମଣ ପାଇଁ ଆମେରିକାର ପ୍ରସ୍ତୁତି ଆଜି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ହର୍ମୁଜ ପ୍ରଣାଳୀ ଓ ଖାର୍ଗ ଦ୍ୱୀପ ଉପରେ ପ୍ରଚଣ୍ଡ ଆକ୍ରମଣ ପାଇଁ ପେଣ୍ଟାଗନ୍ ପ୍ରସ୍ତୁତ ରହିଛି । ତେହେରାନର ଆର୍ଥିକ ମେରୁଦଣ୍ଡ ଭାଙ୍ଗିବାକୁ ହ୍ୱାଇଟ୍ ହାଉସର ଏହି ରଣନୀତି ପଶ୍ଚିମ ଏସିଆ ଯୁଦ୍ଧକୁ ନୂଆ ମୋଡ଼ ଦେଇଛି । ଯୁଦ୍ଧର ପଞ୍ଚମ ସପ୍ତାହରେ ଆମେରିକାର ସାମରିକ ବିଭାଗ ପେଣ୍ଟାଗନ୍ ଇରାନକୁ ବରବାଦ କରିବା ପାଇଁ ଅତି ବିପଜ୍ଜନକ ରଣନୀତିରେ ଅଗ୍ରସର ହେଉଛି । କେବଳ ଆକାଶମାର୍ଗରୁ ବୋମା ବର୍ଷଣ ନୁହେଁ, ସ୍ଥଳଭାଗରେ ମଧ ବ୍ୟାପକ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକାର ପ୍ରତିରକ୍ଷା ଅଧିକାରୀମାନେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ଯୁଦ୍ଧର ଏହି ନୂତନ ପର୍ଯ୍ୟାୟ ପଶ୍ଚିମ ଏସିଆର ସ୍ଥିତିକୁ ଆହୁରି ଜଟିଳ କରିବାର ଆଶଙ୍କା ଥିଲେ ମଧ ହ୍ୱାଇଟ୍ ହାଉସ ଏହାକୁ ସର୍ଜିକାଲ୍ ଷ୍ଟ୍ରାଇକ୍ ପଦ୍ଧତିରେ ପରିଚାଳନା କରିବାକୁ ଲକ୍ଷ୍ୟ ରଖିଛି । ଅନ୍ୟପକ୍ଷରେ ଇରାନ ନିଜର ଅର୍ଥନୈତିକ ଓ ରଣନୈତିକ ଭିତ୍ତିଭୂମିକୁ ରକ୍ଷା କରିବା ପାଇଁ ନିର୍ଣ୍ଣାୟକ ଯୁଦ୍ଧରେ ଅବତୀର୍ଣ୍ଣ ହେବ ବୋଲି ଘୋଷଣା କରିଛି । ଯଦି ଗ୍ରାଉଣ୍ଡ ଅପରେସନ୍ ଆରମ୍ଭ ହୁଏ, ତେବେ କେବଳ ଇରାନ ନୁହେଁ; ସମଗ୍ର ବିଶ୍ୱର ତୈଳ ବଜାର ଓ ସାମରିକ ସମୀକରଣ ବଦଳିଯିବ ବୋଲି କୁହାଯାଉଛି । ଆମେରିକାର ଯୋଜନାରେ ବିଶେଷ କରି ତିନିଟି ମୁଖ୍ୟ ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ରଥମତଃ ହର୍ମୁଜ ଅଞ୍ଚଳରେ ଥିବା ଇରାନର ମିସାଇଲ୍ ଓ ଡ୍ରୋନ ଘାଟିଗୁଡ଼ିକୁ ସ୍ୱତନ୍ତ୍ର ବାହିନୀ ଜରିଆରେ ଧ୍ୱଂସ କରାଯିବ । ଯାହାଫଳରେ ଅନ୍ତର୍ଜାତୀୟ ଜଳପଥରେ ଜାହାଜ ଚଳାଚଳ ସୁରକ୍ଷିତ ହୋଇପାରିବ । ଦ୍ୱିତୀୟରେ ଇରାନର ପ୍ରମୁଖ ତୈଳ ରପ୍ତାନି କେନ୍ଦ୍ର ଖାର୍ଗ ଦ୍ୱୀପକୁ ସମ୍ପୂର୍ଣ୍ଣ ଅବରୋଧ କିମ୍ବା କବ୍ଜା କରାଯିବ । ସୂଚନାଯୋଗ୍ୟ, ଏହି ଦ୍ୱୀପ ଦେଇ ଇରାନର ପ୍ରାୟ ୯୦ ପ୍ରତିଶତ ଅଶୋଧିତ ତୈଳ ବିଦେଶକୁ ରପ୍ତାନି ହୋଇଥାଏ । ଏହାକୁ ଅଚଳ କରିଦେଲେ ଇରାନର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିବ । ତୃତୀୟରେ ଉପକୂଳବର୍ତ୍ତୀ ଅଞ୍ଚଳରେ ସ୍ଥଳସେନା ଚଢ଼ଉ କରି ଶତ୍ରୁପକ୍ଷର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବ ।



ଏହି ଅଭିଯାନ ପାଇଁ ପ୍ରାୟ ୩୫୦୦ ମେରିନ୍ କମାଣ୍ଡୋ ଓ ୮୨ତମ ଏୟାରବୋର୍ଣ୍ଣ ଡିଭିଜନର ୪ ହଜାର ପାରାଟ୍ରୁପରଙ୍କୁ ସଜାଗ ରଖାଯାଇଛି । ଯଦିଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ପର୍ଯ୍ୟନ୍ତ ସ୍ଥଳ ଅଭିଯାନ ପାଇଁ ଚୂଡ଼ାନ୍ତ ମଞ୍ଜୁରି ଦେଇନାହାନ୍ତି, କିନ୍ତୁ ପେଣ୍ଟାଗନ୍ର ପ୍ରସ୍ତୁତି ସୂଚାଉଛି ଯେ ଯୁଦ୍ଧ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି । ଅନ୍ୟପକ୍ଷରେ ଏହି ଯୋଜନା କାର୍ଯ୍ୟକାରୀ ହେଲେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧୫୦ରୁ ୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବା ଆଶଙ୍କା ରହିଛି । ଇରାନକୁ ପ୍ରବଳ ଚାପରେ ରଖି ସର୍ତ୍ତ ମାନିବାକୁ ବାଧ କରିବା ପାଇଁ ଟ୍ରମ୍ପଙ୍କ ଏହି ରଣନୀତିକୁ ଅନେକ ସାମରିକ ବିଶେଷଜ୍ଞ ସମାଲୋଚନା କରିଛନ୍ତି । ମଧ୍ୟପ୍ରାଚ୍ୟରେ ଏବେ ୫୦ ହଜାରରୁ ଅଧିକ ଆମେରିକୀୟ ସେ?ନ୍ୟ ଉପସ୍ଥିତ ଅଛନ୍ତି ଏବଂ ୧୫୦ରୁ ଅଧିକ ଯୁଦ୍ଧ ବିମାନ ବିଭିନ୍ନ ଘାଟିରେ ମୁତୟନ କରାଯାଇଛି ।

## ବିମାନ ଯାତ୍ରୀଙ୍କ ଜରୁରୀକାଳୀନ ଗେଟ୍ ଖୋଲିବା ଉଦ୍ୟମ

ବାରାଣସୀ: ବାରାଣସୀର ବାବତପୁର ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ଇଣ୍ଡିଗୋ ବିମାନରେ ଏକ ଅଜବ ଘଟଣା ଘଟିଥିଲା । ବେଙ୍ଗାଲୁରୁରୁ ବାରାଣସୀ ଆସୁଥିବା ଇଣ୍ଡିଗୋ ବିମାନ ୬ଇ-୧୮୫ର ଜଣେ ଯାତ୍ରୀ ଅବତରଣ ପୂର୍ବରୁ ବିମାନର ଜରୁରିକାଳୀନ ଗେଟ୍ ଖୋଲିବାକୁ ଚେଷ୍ଟା କରିଥିଲେ । ଏହି ଅପ୍ରତ୍ୟାଶିତ କାର୍ଯ୍ୟ ବିମାନରେ ଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ଏହି ଖବର ପାଇଲଟଙ୍କ ପାଖରେ ପହଞ୍ଚିବା ପରେ ସେ ଏଟିଏସ୍କୁ ସୂଚନା ଦେଇ ବିମାନଟିକୁ ନିରାପଦରେ ଅବତରଣ କରାଇଥିଲେ । ବିମାନଟି ଅବତରଣ କରିବା ମାତ୍ରେ ସିଆଇଏସ୍ଏଫ୍ ଅଭିଯୁକ୍ତ ଯାତ୍ରୀଙ୍କୁ ଗିରଫ କରି ଫୁଲପୁର ପୁଲିସକୁ ହସ୍ତାନ୍ତର କରିଛି । ପ୍ରାରମ୍ଭିକ ପଚରାଉଚରାରେ ଯାତ୍ରୀ ଜଣକ କହିଥିଲେ ଯେ, ତାଙ୍କ କାର୍ଯ୍ୟକଳାପ ପଛରେ ଭୂତର ହାତ ରହିଛି । ବିମାନରେ ୧୫୨ ଜଣ ଯାତ୍ରୀ ଓ ଦୁଇ ଜଣ ପିଲା ଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ମଉର ବାସିନ୍ଦା ମହମ୍ମଦ ଅଦନାନ୍ (୨୬) ହଠାତ୍ ନିଜ ଆସନରୁ ଉଠି ଜରୁରୀକାଳୀନ ଦରଜା ଆଡକୁ ଚାଲିଗଲେ ।

## କୁଏତରେ ଇରାନର ଆକ୍ରମଣ, ମିସାଇଲ ମାଡ଼ରେ ଭାରତୀୟ ଶ୍ରମିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ: କୁଏତରେ ଇରାନର ଆକ୍ରମଣ । ଇରାନର ମିସାଇଲ ମାଡ଼ରେ ଭାରତୀୟ ଶ୍ରମିକଙ୍କ ମୃତ୍ୟୁ । ବିଳମ୍ବିତ ରାତିରେ କୁଏତର ଏକ ବିଦ୍ୟୁତ ଉତ୍ପାଦନ ଓ ଜଳ ବିଶୋଧନ କେନ୍ଦ୍ର ଉପରେ ଇରାନ ପକ୍ଷରୁ ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ସେଠାରେ କାର୍ଯ୍ୟରତ ଜଣେ ଭାରତୀୟ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏବଂ ପ୍ଲାଣ୍ଟର ଏକ ବିଲ୍ଡିଂ ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛି । କୁଏତର ବିଦ୍ୟୁତ ଓ ଜଳ ସମ୍ପଦ ମନ୍ତ୍ରଣାଳୟର ମୁଖପାତ୍ର ଫାତିମା ଆବାସ ଜୱହର ହୟାତ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆକ୍ରମଣ ପରେ ତୁରନ୍ତ ଜରୁରୀକାଳୀନ ଟିମ୍ ସେଠାରେ ପହଞ୍ଚି ମରାମତି କାମ ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସହରରେ ବିଦ୍ୟୁତ କିମ୍ବା ଜଳ ଯୋଗାଣ ବାଧାପ୍ରାପ୍ତ ହୋଇନାହିଁ । ପଶ୍ଚିମ ଏସିଆରେ ଚାଲିଥିବା ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ପ୍ରାୟ ୭ ଜଣ ଭାରତୀୟ ପ୍ରାଣ ହରାଇଲେଣି । ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି । କେବଳ କୁଏତ ନୁହେଁ, ବାହାରିନ, ଜୋର୍ଡାନ, କାତାର ଏବଂ ସାଉଦି ଆରବ ଭଳି ଦେଶମାନେ ମଧ ସେମାନଙ୍କ ଆକାଶମାର୍ଗରେ ଡ୍ରୋନ ଓ ମିସାଇଲ୍ ରୋକିଥିବା ସୂଚନା ଦେଇଛନ୍ତି । ଭାରତର ବୈଦେଶିକ ମନ୍ତ୍ରଣାଳୟ ଏବଂ କୁଏତରେ ଥିବା ଭାରତୀୟ ଦୂତାବାସ ଏହି ଘଟଣା ଉପରେ ନଜର ରଖିଛନ୍ତି । ମୃତ ଶ୍ରମିକଙ୍କ ପରିବାରକୁ ସହାୟତା ଯୋଗାଇବା ସହ ସେଠାରେ ରହୁଥିବା ଅନ୍ୟ ଭାରତୀୟଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି । ?କୁଏତରେ ବହୁ ସଂଖ୍ୟାରେ ଭାରତୀୟ ଶ୍ରମିକ ବିଦ୍ୟୁତ ଏବଂ ଶକ୍ତି ବିଭାଗରେ କାମ କରନ୍ତି । ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି ସେମାନଙ୍କ ସୁରକ୍ଷା ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି ।

## ମିଆଁମାରର ଜୁଣ୍ଟା ମୁଖ୍ୟ ରାଷ୍ଟ୍ରପତି ହେବା ପାଇଁ କରୁଛନ୍ତି ପ୍ରସ୍ତୁତି

ନାପିଦ୍ୱ:ଭାରତର ପଡ଼ୋଶୀ ଦେଶ ମିଆଁମାରରେ, ଜୁଣ୍ଟା ମୁଖ୍ୟ ମିନ୍ ଅଙ୍ଗ ହ୍ଲାଇଙ୍ଗ ସର୍ବୋଚ୍ଚ ନେତା, ଅର୍ଥାତ୍ ଏକଛତ୍ରବାଦୀ ଶାସକ ହେବାକୁ ଯାଉଛନ୍ତି । ସାଧାରଣ ନିର୍ବାଚନ ପରେ ମିଆଁମାର ସଂସଦ ରାଷ୍ଟ୍ରପତି ଚୟନ ପ୍ରକ୍ରିୟା ଆରମ୍ଭ କରିଛି । ମିନ୍ ଅଙ୍ଗ ହ୍ଲାଇଙ୍ଗ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବେ । ସୋମବାର ମିନ୍ ଅଙ୍ଗ ହ୍ଲାଇଙ୍ଗଙ୍କୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ମନୋନୀତ କରାଯାଇଛି ।ଅଙ୍ଗ ସମର୍ଥିତ ରାଜନୈତିକ ଦଳ ମିଆଁମାରରେ ବହୁମତ ହାସଲ କରିଛି । ୨୦୧୧ ମସିହାରୁ ସେନାମୁଖ୍ୟ ପଦରେ ଥିବା ମିନ୍ ଅଙ୍ଗ ସାନ୍ ସୁ କି ଏବେ ଆଇନଗତ ଭାବରେ ମିଆଁମାରକୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି । ମିଆଁମାର ନିକଟରେ ଦଳୀୟ ନିର୍ବାଚନ କରିଥିଲା । ମିନ୍ ଅଙ୍ଗ ସାନ୍ ସୁ କୀଙ୍କ ୟୁନିଅନ୍ ସଲିଡାରିଟି ଆଣ୍ଡ୍ ଡେଭଲପମେଣ୍ଟ ପାର୍ଟି ଏହି ନିର୍ବାଚନରେ ବିଜୟୀ ହୋଇଥିଲା । ରୋହିଙ୍ଗ୍ୟାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପରେ, ମିନ୍ ଅଙ୍ଗ ସାନ୍ ସୁ କୀଙ୍କ ପ୍ରଭାବ ମିଆଁମାରରେ ବୃଦ୍ଧି ପାଇଥିଲା । ୨୦୨୧ ମସିହାରେ, ସାମରିକ ବାହିନୀ ଅଙ୍ଗ ସାନ୍ ସୁ କୀଙ୍କ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରିଥିଲା । ଏହି ବିଦ୍ରୋହର ଏକ ଅଂଶ ଭାବରେ ସୁ କି ଏବଂ ମିଆଁମାର ରାଷ୍ଟ୍ରପତିଙ୍କୁ ଗିରଫ କରାଯାଇଥିଲା । ସୁ କି ବର୍ତ୍ତମାନ ଜେଲ୍ରେ ଅଛନ୍ତି । ଏହା ପରେ, ମିନ୍ ଅଙ୍ଗ୍ ସାନ୍ ସୁ କି ଏକ ସାମରିକ ସରକାର ଘୋଷଣା କରିଥିଲେ । ଯାହାକୁ ଜୁଣ୍ଟା କୁହାଯାଉଛି । ମିନ୍ ଅଙ୍ଗ୍ ସାନ୍ ସୁ କିଙ୍କ ଉପରେ ଚାପ ବଢ଼ିବାରୁ, ସେ ୨୦୨୫ ଶେଷ ଭାଗରେ ନିର୍ବାଚନ ଆୟୋଜନ କରିବାକୁ ବ୍ୟବସ୍ଥା କରିଥିଲେ । ତାଙ୍କ ସମର୍ଥକମାନେ ୨୨୪ ଆସନ ମଧ୍ୟରୁ ୧୦୮ଟି ଜିତିଥିଲେ । ଯାହା ବହୁମତଠାରୁ ମାତ୍ର ଚାରିଟି କମ୍ ଥିଲା । ବହୁତ ହେରଫେର ପରେ, ମିନ୍ ଅଙ୍ଗ୍ ସାନ୍ ସୁ କିଙ୍କ ସମର୍ଥକମାନେ ମିଆଁମାରରେ ସରକାର ଗଠନ କରିଥିଲେ । ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ମିନ୍ ଅଙ୍ଗ ହ୍ଲାଇଙ୍ଗ ସର୍ବୋଚ୍ଚ ପଦବୀ ଖୋଜୁଛନ୍ତି । ଏହା ହାସଲ କରିବା ପାଇଁ ସେ ନିଜେ ରାଷ୍ଟ୍ରପତି ହେବାକୁ ନିଷ୍ପତ୍ତି ନେଇଛନ୍ତି । ଏଥି ପାଇଁ ସେ ରାଜନୀତି ଏବଂ ନିର୍ବାଚନର ଆଶ୍ରୟ ନେଇଛନ୍ତି । ମିନ୍ ଅଙ୍ଗ ସାନ୍ ସୁ କିଙ୍କୁ ଚୀନ୍ର ସମର୍ଥକ ବୋଲି ବିବେଚନା କରାଯାଏ । ଚୀନ୍ରେ ରାଷ୍ଟ୍ରପତି ସେନାବାହିନୀକୁ ନିୟନ୍ତ୍ରଣ କରନ୍ତି । ସେ ନିଜକୁ ସି ଜିନପିଙ୍ଗଙ୍କ ଭଳି ସ୍ଥାନରେ ଅବସ୍ଥାପିତ କରିବାକୁ ଚାହୁଁଛନ୍ତି । ସ୍ୱାଧୀନ ବିଶ୍ଳେଷକ ହତିନ କ୍ୟାଓ୍ୱ ଆୟେ, ଜେନେରାଲଙ୍କ ସମ୍ଭାବ୍ୟ ରାଷ୍ଟ୍ରପତି ଭୂମିକାକୁ ଇଙ୍ଗିତ କରି କହିଛନ୍ତି, ଏହା ଆରମ୍ଭରୁ ମିନ୍ ଅଙ୍ଗ ହ୍ଲାଇଙ୍ଗଙ୍କ ଲକ୍ଷ୍ୟ ଥିଲା । ଯଦି ସେ ଏହା ହାସଲ କରନ୍ତି, ତେବେ ସେ ରାଷ୍ଟ୍ରପତି ଭାବରେ ଦେଶ ପରିଚାଳନା କରିବେ । ଯଦି ମିନ୍ ଅଙ୍ଗ ମିଆଁମାରର ଏକଛତ୍ରବାଦୀ ହେବାରେ ସଫଳ ହୁଅନ୍ତି, ତେବେ ଭାରତର ପଡ଼ୋଶୀର ଅନ୍ୟ ଏକ ଦେଶରେ ଗଣତନ୍ତ୍ର ଶାସନ ବଦଳରେ ଏକଛତ୍ରବାଦୀ ଶାସନ ଆରମ୍ଭ ହେବ ।

## ବ୍ରିଜ ତଳକୁ ଖସିଲା ବସ୍

କର୍ଣ୍ଣାଟକ : କର୍ଣ୍ଣାଟକ ଶିବମୋଗା ଜିଲ୍ଲାରେ ଅଳ୍ପକେ ବର୍ତ୍ତିଗଲା ଅନେକ ଲୋକଙ୍କ ଜୀବନ । ଏକ ଘରୋଇ ବସ୍ ଅନିୟନ୍ତ୍ରିତ ହୋଇ ବ୍ରିଜ ତଳକୁ ଖସିପଡିଥିଲା । ଦୁର୍ଘଟଣା ବେଳେ ବସରେ ୪୦ ଜଣ ଯାତ୍ରୀ ଥିଲେ । ତେବେ ଘଟଣାରେ ଜନହାନୀ ହୋଇନଥିବା ଖବର ମିଳିଛି । ଘଟଣାରେ ୧୦ ଜଣ ଆହତ ହୋଇଥିବା ଜଣାପଡିଛି । ଖବର ମୁତାବକ, ଶିବମୋଗା ଜିଲ୍ଲାର ଭଦ୍ରବତୀ ଅଞ୍ଚଳରେ ଥିବା ଗାଁ ବିରାପୁରା ନିକଟରେ ବସ୍ ଅନିୟନ୍ତ୍ରିତ ହୋଇ ବ୍ରିଜ ରେଲିଂ ସହିତ ଧକ୍କା ହୋଇଥିଲା । ଫଳରେ ବସଟି ତଳକୁ ଖସିପଡିଥିଲା । ବସରେ ଅତିକମରେ ୪୦ ଜଣ ଯାତ୍ରୀ ତିଲେ । ବସଟି ଦାବଣଗେର ଜିଲ୍ଲାର ଚତ୍ରଗିରିରୁ ଭଦ୍ରାବତୀ ଯାଉଥିଲା ।

ଦୁର୍ଘଟଣା ଯୋଗୁଁ ୧୦ ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ମାମଲାର ଯାଞ୍ଚ ଆରମ୍ଭ କରିଛି ।

## ବିଧାୟକ ପଦରୁ ଇସ୍ତଫା ଦେଲେ ନୀତିନ ନବୀନ



ନୂଆଦିଲ୍ଲୀ : ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି । ସେ ବିହାର ବିଜେପି ରାଜ୍ୟ ସଭାପତି ସଞ୍ଜୟ ସରାଓଗୀଙ୍କୁ ତାଙ୍କ ଇସ୍ତଫା ଦେଇଛନ୍ତି । ଆଜି ସଞ୍ଜୟ ସରାଓଗୀ ବିହାର ବିଧାନସଭା ବାଚସ୍ପତି ପ୍ରେମ କୁମାରଙ୍କ ନିକଟରେ ନୀତିନଙ୍କ ଇସ୍ତଫା ଦାଖଲ କରିବେ । ନୀତିନ ନବୀନ ଆସାମରେ ରହି ପ୍ରଚାରରେ ବ୍ୟସ୍ତ ରହିଛନ୍ତି । ତେଣୁ ଇସ୍ତଫା ଦାଖଲ ବେଳେ ନିଜେ ଉପସ୍ଥିତ ରହିପାରିଲେ ନାହିଁ । ସୂଚନାନୁଯାୟୀ, ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ନୀତିନ ନବୀନ ଇସ୍ତଫା ଦେଇଛନ୍ତି । ସେ ପାଟନାର ବାଙ୍କିପୁର ଆସନର ବିଧାୟକ ଥିଲେ । ସେ ଏବେ ଇସ୍ତଫା ଦେବା ପରେ ବାଙ୍କିପୁର ଆସନ ଖାଲି ପଡିଛି । କିଛି ଦିନ ପୂର୍ବରୁ ବିହାରର ୫ ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସମସ୍ତ ୫ ଟି ଆସନରେ ଏନଡିଏ ପ୍ରାର୍ଥୀମାନେ ବିଜୟୀ ହୋଇଥିଲେ । ସେହି ଏନଡିଏ ଦଳରେ ନୀତିନ ନବୀନ ମଧ ଉପସ୍ଥିତ ଥିଲେ । ନୀତିନ ନବୀନଙ୍କ ବ୍ୟତୀତ ନୀତିଶ କୁମାର ମଧ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ତେଣୁ ସମ୍ବିଧାନ ଅନୁଯାୟୀ, ଜଣେ ବ୍ୟକ୍ତି ରାଜ୍ୟସଭାର ସଦସ୍ୟ ହେବାର ୧୪ ଦିନ ମଧ୍ୟରେ ନିଜ ରାଜ୍ୟ ସଦସ୍ୟତାରୁ ଇସ୍ତଫା ଦେବାକୁ ପଡିବ । ସେ ଖୁବଶୀଘ୍ର ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେବେ । ଅନ୍ୟପଟେ ତାଙ୍କ ଇସ୍ତଫା ଦାଖଲ ହେବା ପରେ ବାଙ୍କିପୁରର ବିଧାୟକ ଆସନ ଖାଲି ପଡିଛି । ସେଥିପାଇଁ କିଏ ଏହି ଅଞ୍ଚଳର ବିଧାୟକ ହେବେ ସେନେଇ ବର୍ତ୍ତମାନ ଆଲୋଚନା ଆରମ୍ଭ ହୋଇଛି । ଭବିଷ୍ୟତରେ ଦଳ କାହାକୁ ପ୍ରାର୍ଥୀ କରୁଛି ତାହା ଦେଖିବାକୁ କେବଳ ବାକି ରହିଲା ।

## ଆମେରିକା ପାଇଁ ନିଜ ଆକାଶ ମାର୍ଗ ସିଲ୍ କଲା ସ୍ପେନ୍

ଆମେରିକା : ଆମେରିକା ପାଇଁ ନିଜ ଆକାଶ ମାର୍ଗ ସିଲ୍ କଲା ସ୍ପେନ୍ । ଇରାନ ଯୁଦ୍ଧ ପାଇଁ ସ୍ପେନର ଆକାଶମାର୍ଗ ବ୍ୟବହାର କରିବାକୁ ମନା କଲା ସ୍ପେନ୍ ପ୍ରଶାସନ । ଏହାସହ ଇରାନ ଉପରେ ଆକ୍ରମଣ ପାଇଁ ମିଳିତ ଭାବରେ ପରିଚାଳିତ ସାମରିକ ଘାଟି ବ୍ୟବହାରକୁ ବି ପ୍ରତ୍ୟାଖାନ କରିଛି । ଏହି ସୂଚନା ଦେଇଛନ୍ତି ସ୍ପେନ୍ ପ୍ରତିରକ୍ଷା ମନ୍ତ୍ରୀ ମାର୍ଗାରିଟା ରୋବଲ୍ସ । ଏ ସମ୍ପର୍କିତ ଖବର ପ୍ରଥମେ ସ୍ପାନିସ୍ ଖବରକାଗଜ ଏଲ୍ ପାଇସ୍ ଦ୍ୱାରା ପ୍ରକାଶିତ ହୋଇଥିଲା । ସ୍ପେନର ଅର୍ଥମନ୍ତ୍ରୀ କାର୍ଲୋସ କୁଏର୍ପୋ କହିଛନ୍ତି ଯେ ଏହି ନିଷ୍ପତ୍ତି ସ୍ପେନ୍ ସରକାରଙ୍କ ନିଜସ୍ୱ ନିଷ୍ପତ୍ତି । ମଧ୍ୟପ୍ରାଚ୍ୟ ଯୁଦ୍ଧରେ ସ୍ପେନ କୌଣସିବି ପ୍ରକାରେ ଜଡ଼ିତ ହେବ ନାହିଁ । କାରଣ ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ସମ୍ପୂର୍ଣ୍ଣ ଭାବେ ଏକପାଖିଆ ନିଷ୍ପତ୍ତି ଓ ଏହା ଅନ୍ତର୍ଜାତୀୟ ଆଇନର ବିରୁଦ୍ଧାଚରଣ । ଏଣୁ ସ୍ପେନ୍ ଏଥିରେ ସିଧାସଳଖ ଅନ୍ତର୍ଭୁକ୍ତ ହେବନାହିଁ । ଅପରପକ୍ଷେ ସ୍ପେନର ଅସହଯୋଗ ନେଇ ସ୍ପେନ୍ ସହ ବାଣିଜ୍ୟ କାରବାର ଉପରେ ରୋକ ଲଗାଇବାକୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ । ସ୍ପେନ୍ ଏହାର ପରିଣାମ ଭୋଗିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଟ୍ରମ୍ପ୍ ।

## ବିଧାନ ପରିଷଦର ସଦସ୍ୟ ପଦରୁ ଇସ୍ତଫା ଦେଲେ ନୀତିଶ କୁମାର

ବିହାର : ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିଧାନ ପରିଷଦର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ୨୦୨୪ ରେ ନୀତିଶ ବିହାର ବିଧାନ ପରିଷଦକୁ ନିର୍ବାଚିତ ହୋଇଥିଲେ । ତାଙ୍କର ଏହି କାର୍ଯ୍ୟକାଳ ୨୦୩୦ରେ ଶେଷ ହେବାକୁ ଥିଲା । ନିକଟରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବାରୁ ସାମ୍ବିଧାନିକ ନିୟମ ଅନୁଯାୟୀ ତାଙ୍କୁ ସଦସ୍ୟ ପଦ ଛାଡ଼ିବାକୁ ପଡ଼ିବ । ଜଣେ ବ୍ୟକ୍ତି ଏକାସାଙ୍ଗରେ ରାଜ୍ୟସଭା ସାଂସଦ ଏବଂ ରାଜ୍ୟ ବିଧାନସଭା ପରିଷଦର ସଦସ୍ୟ ରହିପାରିବେ ନାହିଁ । ନୀତିଶ କୁମାର ମାର୍ଚ୍ଚ ୧୬ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୨୦୨୫ ରେ ବିହାର ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟର ବିଜୟ ପରେ ସେ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

# ଇରାନର ୪୦୦ କିଲୋଗ୍ରାମ୍ ୟୁରାନିୟମ ଜବତ କରିବାକୁ ଟ୍ରମ୍ପଙ୍କ ଯୋଜନା

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଭିତରେ ଏକ ବିପଦପୂର୍ଣ୍ଣ ସାମରିକ ସ୍ଥଳ ଅଭିଯାନ ଆରମ୍ଭ କରିବାକୁ ବିଚାର କରୁଛନ୍ତି । ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଇରାନର ପରମାଣୁ ପ୍ରତିଷ୍ଠାନରେ ଗଚ୍ଛିତ ପ୍ରାୟ ୪୦୦ କିଲୋଗ୍ରାମ୍ ସମୃଦ୍ଧ ୟୁରାନିୟମ ଖୋଜି ବାହାର କରିବା । ଏହା ଏକ ବିପଦପୂର୍ଣ୍ଣ ମିଶନ ହେବ ଯାହା ପାଇଁ ଆମେରିକୀୟ ସେନାକୁ କିଛି ଦିନ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଇରାନ ଭିତରେ ରହିବାକୁ ପଡ଼ିପାରେ ।

ରାଷ୍ଟ୍ରପତି ଟ୍ରମ୍ପ ଏପରି ଏକ ଅଭିଯାନକୁ ଅନୁମୋଦନ ଦେବେ କି ନାହିଁ ତାହା ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହାନ୍ତି । ଆମେରିକୀୟ ଅଧିକାରୀମାନେ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲକୁ କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ ଆମେରିକୀୟ ସେନା ପ୍ରତି ବିପଦ ବିଷୟରେ ବିଚାର କରୁଛନ୍ତି, କିନ୍ତୁ ଏହା କରିବାକୁ ପ୍ରସ୍ତୁତ ଅଛନ୍ତି । ଟ୍ରମ୍ପ ବାରମ୍ବାର କହିଛନ୍ତି ଯେ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ ।



ରିପୋର୍ଟଗୁଡ଼ିକ ସୂଚାଇ ଦେଉଛି ଯେ, ସାମରିକ ଅଭିଯାନର ବିକଳ୍ପ ଖୋଲା ରଖିବା ସହିତ, ଟ୍ରମ୍ପ ଏକ କୂଟନୈତିକ ସମାଧାନ ପାଇଁ ମଧ ଜୋର ଦେଉଛନ୍ତି । ଏହି ଚୁକ୍ତି ଅନୁଯାୟୀ, ଇରାନ ନିଜର ସମୃଦ୍ଧ ୟୁରାନିୟମକୁ ଆମେରିକାକୁ ହସ୍ତାନ୍ତର କରିବ । ଟ୍ରମ୍ପଙ୍କ ଚିନ୍ତାଧାରା ସହିତ ପରିଚିତ ଜଣେ ବ୍ୟକ୍ତି କହିଛନ୍ତି ଯେ, ରାଷ୍ଟ୍ରପତି ପରାମର୍ଶଦାତା ଏବଂ ସହଯୋଗୀମାନଙ୍କୁ ସ୍ପଷ୍ଟ କରିଛନ୍ତି, ତେହେରାନକୁ ସମୃଦ୍ଧ ୟୁରାନିୟମ ରଖିବାକୁ ଅନୁମତି ଦିଆଯାଇପାରିବ ନାହିଁ । ସେ ଏହା ମଧ କହିଛନ୍ତି, ଯଦି ଆଲୋଚନା ସମୟରେ ଇରାନ ଏହାକୁ ହସ୍ତାନ୍ତର କରିବାକୁ ମନା କରେ, ତେବେ ଏହାକୁ ବଳପୂର୍ବକ ଜବତ କରାଯିବ ।

ଇସ୍ରାଏଲ ଏବଂ ଆମେରିକା ଜୁନ୍ ୨୦୨୫ରେ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲେ । ଆକ୍ରମଣ ପୂର୍ବରୁ, ଇରାନରେ ୪୦୦ କିଲୋଗ୍ରାମ୍ରୁ ଅଧିକ ୬୦% ସମୃଦ୍ଧ ୟୁରାନିୟମ ଥିଲା । ଏହା ସହିତ ୨୦୦ କିଲୋଗ୍ରାମ୍ ?ର ୨୦% ସମୃଦ୍ଧ ୟୁରାନିୟମ ଥିଲା ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିର ସିଇଓ ରାଫେଲ ଗ୍ରୋସିଙ୍କ ଅନୁଯାୟୀ, ଏହି ସାମଗ୍ରୀର ଅଧିକାଂଶ ଦୁଇଟି ସ୍ଥାନରେ ଉପଲବ୍ଧ । ଏହି ଦୁଇଟି ସୁବିଧା ହେଉଛି ଇସଫାହାନରେ ଏକ ଭୂତଳ ସୁବିଧା ଏବଂ ନାଟାଞ୍ଜରେ ଏକ ସଂଗ୍ରହାଳୟ ।ଜୁନ୍ ମାସରେ ଉଭୟ ସୁବିଧା ଉପରେ ଆକ୍ରମଣ ହୋଇଥିଲା । ତଥାପି, ୟୁରାନିୟମ ଏବେ ବି ସୁରକ୍ଷିତ ରହିଛି ବୋଲି ବିଶ୍ୱାସ କରାଯାଉଛି । ଏହି ସୂଚନା ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ, ତୁର୍କୀ ଏବଂ ଇଜିପ୍ଟ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କମ କରିବା ପାଇଁ ମଧ୍ୟସ୍ଥତା ଭାବରେ କାର୍ଯ୍ୟ କରୁଛନ୍ତି । ଯଦିଓ ଉଭୟ ପକ୍ଷ ମଧ୍ୟରେ ସିଧାସଳଖ ଆଲୋଚନା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ, କିନ୍ତୁ ମଧ୍ୟସ୍ଥିଙ୍କ ମାଧ୍ୟମରେ ବାର୍ତ୍ତା ଆଦାନପ୍ରଦାନ କରାଯାଇଛି । ଏହି ସମୟରେ, ଏପରି ଏକ ରିପୋର୍ଟ ମଧ ଆସିଛି ଯେ, ୱାସିଂଟନ୍ ଇରାନରେ ବିଭିନ୍ନ ପ୍ରକାରର ସାମରିକ ବିକଳ୍ପ ଉପରେ ବିଚାର କରୁଛି । ରାଷ୍ଟ୍ରପତି ଟ୍ରମ୍ପ୍ ଇଙ୍ଗିତ ଦେଇଛନ୍ତି , ଆମେରିକା ଇରାନର ମୁଖ୍ୟ ତୈଳ ଟର୍ମିନାଲ ଖାର୍ଗ ଦ୍ୱୀପକୁ କବଜା କରିପାରେ, ଯାହା ଦେଶର ତୈଳ ରପ୍ତାନିର ୯୦ ପ୍ରତିଶତ ।

# ଶୀତଲଙ୍କୁ ବର୍ଷର ଶ୍ରେଷ୍ଠ ପାରା ତୀରନ୍ଦାଜ ପୁରସ୍କାର



ନୂଆଦିଲ୍ଲୀ,୩୦।୩: ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ 'ବର୍ଷର ଶ୍ରେଷ୍ଠ ପାରା ତୀରନ୍ଦାଜ ୨୦୨୫' ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି। ଜନ୍ମରୁ ବିନା ହାତରେ ଜନ୍ମ ନେଇଥିବା ଏହି ୧୯ ବର୍ଷୀୟା ଜମ୍ମୁ କାଶ୍ମୀର ଖେଳାଳି ଦକ୍ଷିଣ କୋରିଆରେ ଆୟୋଜିତ ବିଶ୍ୱ ପାରା ତୀରନ୍ଦାଜି ପ୍ରତିଯୋଗିତାର ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ଲାଗି ବିଶ୍ୱ ତୀରନ୍ଦାଜି ପକ୍ଷରୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଦୁଇ ବାହୁ ନଥିବା ଶୀତଲ ନିଜ ପାଦ, ଗୋଡ ଓ କାନ୍ଧରେ ଧନୁ ଧରି ପାଟିରେ ତୀର ମାରନ୍ତି। ସେ ବିଶ୍ୱ ପ୍ରତିଯୋଗିତାରେ ମହିଳା ଦଳଗତରେ ରୌପ୍ୟ ଓ ମିଶ୍ରିତରେ କାଂସ୍ୟ ପାଇଥିଲେ। 'ଗ୍ୱାଙ୍ଗ୍‌ଜୁରେ ବିଶ୍ୱ ମୁକୁଟ ଜିତିଥିବା ଭାରତର ଶୀତଲ ଦେବୀଙ୍କୁ ବର୍ଷର ଶ୍ରେଷ୍ଠ ତୀରନ୍ଦାଜ ପୁରସ୍କାରରେ ସମ୍ମାନୀତ କରାଯିବ' ବୋଲି ବିଶ୍ୱ ତୀରନ୍ଦାଜୀ କହିଛି। ବିଶ୍ୱ ପ୍ରତିଯୋଗିତା ସ୍ୱର୍ଣ୍ଣ ବାଦ୍ ପ୍ୟାରିସ୍ ଅଲିମ୍ପିକ୍ସରେ ମିଶ୍ରିତ ଦଳଗତରେ କାଂସ୍ୟ ପାଇଥିଲେ। ସେ ମଧ୍ୟ ୨୦୨୨ ଏସୀୟ ପାରା କ୍ରୀଡାରେ ୨୦୨୩ ଏସୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିଲେ।

## ଅନ୍ତର୍ଜାତୀୟ ବଡ଼ି ଲିଫ୍ଟ ପ୍ରତିଯୋଗିତାରେ ଦିଗପହଣ୍ଡିର ଶଙ୍କର ପୁରସ୍କୃତ

ଦିଗପହଣ୍ଡି,୩୦।୩: ଗଞ୍ଜାମ ଜିଲା ଦିଗପହଣ୍ଡି ଏନଏସି ୩ ନଂ ୱାର୍ଡ ନୂଆସାହିରେ ରହୁଥିବା ନନ୍ଦୁ ଓରଫ ଶଙ୍କର ବେହେରା ଅନ୍ତର୍ଜାତୀୟ ବଡି ଲିଫ୍ଟ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛନ୍ତି। ପଞ୍ଜାବ ପ୍ରଦେଶ ଜଳନ୍ଧର ସହରରେ ଦୁଇଦିନ ଧରି ଆୟୋଜିତ ହୋଇଥିବା ୧୫ ତମ ଆନ୍ତର୍ଜାତୀୟ ବଡ଼ି ଲିଫ୍ଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିୟମ ପ୍ରକାରେ ଗୋଡ଼କୁ ସିଧା କରି ଉଠାଣ ( ଷ୍ଟ୍ରେଇଟ ଲେଗ ରେଇଜ ) ଏବଂ ରିଭର୍ସ ପୁଲ ଆପ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ସିଲଭର ମେଡାଲ ହାସଲ କରିବା ସଙ୍ଗେ ଟ୍ରଫି ହାସଲ କରିଛନ୍ତି । ଶଙ୍କର ନିଜର ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହେବା ସହ ଦିଗପହଣ୍ଡି ସହର ପାଇଁ ଗୌରବ ଆଣିଛନ୍ତି । ଶଙ୍କରଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳ ନଥିଲେ ମଧ୍ୟ ଛୋଟ ବୟସରୁ ଜିମ ଯିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଆର୍ଥିକ ଅନାଟନ ମଧ୍ୟରେ ସହରର ଏକ ଛୋଟିଆ ଜିମକୁ ଯାଇ ସେଠାରେ ତାଲିମ ନେଇଥିଲେ ।

# କୋଲକାତାକୁ ୬ ୱିକେଟ୍‌ରେ ହରାଇଲା ମୁମ୍ବାଇ



ମୁମ୍ବାଇ,୩୦।୩: ପ୍ରାରମ୍ଭିକ ବ୍ୟାଟର ରାୟନ ରିକେଲ୍ଟନ ଏବଂ ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଇଣ୍ଡିଅନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୯ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍‌କୁ ମୁମ୍ବାଇ ଇଣ୍ଡିଆନ୍ସ ଜିତିଛି। ୱାଙ୍ଖେଡେ ଷ୍ଟାଡିୟମରେ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଦିଆଯାଇଥିବା ୨୨୧ ରନ୍ ଟାର୍ଗେଟକୁ ୧୯.୧ ଓଭରରେ ୪ଟି ୱିକେଟ୍ ହରାଇ ପୂରା କରିଛି। ମୁମ୍ବାଇ ଦଳ ଏହି ମ୍ୟାଚ୍‌ରେ ୨୨୪ ରନ୍ ସଂଗ୍ରହ କରିବା ସହିତ ୬ ୱିକେଟ୍‌ରେ ବିଜୟ ହାସଲ କରିଛି।

ରାୟନ ରିକେଲ୍ଟନ ଦଳ ପାଇଁ ସର୍ବାଧିକ ୮୧ ରନ୍ ସଂଗ୍ରହ କରିଥିଲେ। ସେ ୪୩ଟି ବଲ୍ ଖେଳି ୪ଟି ଚେକା ଏବଂ ୮ଟି ଛକା ମାରିଥିଲେ। ସେହିପରି ରୋହିତ ଶର୍ମା ୩୮ଟି ବଲ୍ ଖେଳି ୬ଟି ଚେକା ଏବଂ ୬ଟି ଛକା ମାରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟ୍‌ରୁ ୧୬ ରନ୍ ଅମଳ ହୋଇଥିଲା। ସେ ୮ଟି ବଲ୍ ଖେଳି ୩ଟି ଚୌକା ମାରିଥିଲେ।

ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଲା ପରେ କୋଲକାତା ବ୍ୟାଟିଂ କରିବାକୁ ଆସିଥିଲା। ଅତିଥି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୨୦ ରନ୍ ସଂଗ୍ରହ କରିଥିଲା। ଯେତେବେଳେ ନେଟ୍ ରନ୍ ହାର କ୍ରମାଗତ ଭାବରେ ହ୍ରାସ ପାଉଥିଲା ଏବଂ କୋଲକାତା ଉପରେ ଚାପ ବଢୁଥିଲା ଏହି ସମୟରେ ରହାଣେଙ୍କୁ ଆଉଟ୍ ହୋଇଥିଲେ। ରହାଣେଙ୍କୁ ଶାର୍ଦ୍ଦୁଳ ଠାକୁର ଆଉଟ୍ କରିଥିଲେ। ରହାଣେ ୪୦ଟି ବଲ୍ ଖେଳି ୩ଟି ଚେକା ଏବଂ ୫ଟି ଛକା ବଳରେ ୬୭ ରନ୍ କରିଥିଲେ। କୋଲକାତା ତୃତୀୟ ୱିକେଟ୍ ସୁଦ୍ଧା ୧୪୫ ରନ୍ ସଂଗ୍ରହ କରିଥିଲା।

ରାହାଣେଙ୍କ ପୂର୍ବରୁ ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା କ୍ୟାମେରନ୍ ଗ୍ରିନ୍ ଆଉଟ୍ ହୋଇଥିଲେ। ସେ ବଲ୍‌କୁ ଅଫ୍ ସାଇଡ୍ ଖେଳି ଶେରଫେନ୍ ରଥରଫୋର୍ଡଙ୍କ ହାତରେ କ୍ୟାଚ୍ ହୋଇଥିଲେ। ଗ୍ରିନ୍ ୧୦ଟି ବଲ୍ ଖେଳି ଗୋଟିଏ ଚେକା ଏବଂ ଗୋଟିଏ ଛକା ବଳରେ ୧୮ ରନ୍ ସଂଗ୍ରହ କରିଥିଲେ।

ପାୱାରପ୍ଲେ ସମୟରେ କୋଲକାତା ନାଇଟ୍ ରାଇଡର୍ସକୁ ଭଲ ବ୍ୟାଟିଂ କରିଥିଲା। ଜିଙ୍କ୍ୟ ରହାଣେ ଏବଂ ଫିନ୍ ଆଲେନ୍ ୬୯ ରନ୍‌ର ଭାଗୀଦାରୀ ସହିତ ଦଳକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ଫିନ୍ ଆଲେନ୍ ୩୭ ରନ୍ କରିଥିଲେ। ପାୱାରପ୍ଲେର ଶେଷ ଓଭରର ଦ୍ୱିତୀୟ ବଲ୍‌ରେ ଫିନ୍ ଆଲେନ୍ ଏକ ବଡ଼ ସଟ୍ ମାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସୀମାରେ ଠିଆ ହୋଇଥିବା ତିଲକ ବର୍ମା ଏକ ସରଳ କ୍ୟାଚ୍ ନେଇଥିଲେ। ଯୁବ ବ୍ୟାଟର ରିଙ୍କୁ ସିଂହ ଅପରାଜିତ ୩୩ ରନ୍ ସଂଗ୍ରହ କରିଥିବା ବେଳେ ସେ ୨୧ଟି ବଲ୍ ଖେଳି ୪ଟି ଚେକା ମାରିଥିଲେ। ରମଣଦୀପ ସିଂହ ଅପରାଜିତ ରହି ୪ଟି ବଲ୍‌ରୁ ୪ ରନ୍ ସଂଗ୍ରହ କରିଥିଲେ।

# ୧ରୁ ମହିଳା ହକି ଦଳର ପ୍ରଶିକ୍ଷଣ ଶିବିର



ବେଙ୍ଗାଲୁରୁ,୩୦।୩: ଆଗାମୀ ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ାକୁ ଦୃଷ୍ଟିରେ ରଖି ଭାରତୀୟ ମହିଳା ହକି ଦଳ ପାଇଁ ବେଙ୍ଗାଲୁରୁଠାରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏପ୍ରିଲ ୧ରୁ ୯ ତାରିଖ ପର୍ଯ୍ୟନ୍ତ ସାଇ ଉତ୍କର୍ଷ କେନ୍ଦ୍ରରେ ହେବାକୁ ଥିବା ଏହି ଶିବିର ପାଇଁ ହକି ଇଣ୍ଡିଆ ପକ୍ଷରୁ ୩୧ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଉଭୟ ଅଭିଜ୍ଞ ଓ ନବାଗତାମାନଙ୍କୁ ସାମିଲ କରାଯାଇଛି। ଏହି ଦଳରେ ସବିତା ପୁନିଆ, ବିଚୁ ଦେବୀ ଖରିବ୍ରମ, ନିକି ପ୍ରଧାନ, ସାଲିମା ଟେଟେ, ନବନୀତ କୌର, ମନିଷା ଚୌହାନଙ୍କ ପରି ଅଭିଜ୍ଞ ଖେଳାଳି ଅଛନ୍ତି। ଶିବିରରେ ଖେଳାଳିମାନଙ୍କ ଫିଟନେସ୍ ବୃଦ୍ଧି, ଉପଯୁକ୍ତ ଭାରସାମ୍ୟ ଥିବା ଦଳ ଗଠନ ଓ ଅନ୍ୟାନ୍ୟ ରଣନୈତିକ ଯୋଜନା ଉପରେ ଗୁରୁତ୍ୱ ଦିଆଯିବ। ଭାରତୀୟ ମହିଳା ଦଳ ନିକଟରେ ହାଇଦ୍ରାବାଦରେ ଆୟୋଜିତ ଏଫଆଇଏଚ୍ ବିଶ୍ୱକପ୍ କ୍ୱାଲିଫାୟର୍ସରେ ରୌପ୍ୟ ପଦକ ଜିତିବା ସହ ବିଶ୍ୱକପ୍‌ରେ ନିଜ ସ୍ଥାନ ସୁନିଶ୍ଚିତ କରିଥିଲା। ଆଗକୁ ଦଳ ପାଇଁ ଏକ ବ୍ୟସ୍ତବହୁଳ ଖେଳସୂଚୀ ରହିଛି। ଜୁନରେ ନେସନ୍ସ କପ୍ ଓ ଅଗଷ୍ଟରେ ବିଶ୍ୱକପ ଓ ସେପ୍‌ଟେମ୍ବର-ଅକ୍ଟୋବରରେ ଏସୀୟ କ୍ରୀଡ଼ରେ ଅଂଶଗ୍ରହଣ କରିବ ଭାରତୀୟ ମହିଳା ଦଳ।

# ଭାରତୀୟ ହ୍ୟାଣ୍ଡବଲ୍ ଦଳରେ ସ୍ୱସ୍ତିକ, ଗୌରୀଶଙ୍କର ପ୍ରଶିକ୍ଷକ

ଭୁବନେଶ୍ୱର,୩୦।୩: ଉଜ୍‌ବେକିସ୍ତାନରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ପଞ୍ଚମ କେନ୍ଦ୍ରୀୟ ଏସୀୟ ହ୍ୟାଣ୍ଡ୍‌ବଲ୍ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡିଶାର ସ୍ୱସ୍ତିକ ମହାପ୍ରସାଦ। ଓଡିଶା ପାଇଁ ଦ୍ୱିତୀୟ ଖୁସିଟି ହେଉଛି ଅନ୍ତର୍ଜାତୀୟ ପ୍ରଶିକ୍ଷକ ଗୌରୀଶଙ୍କର ମିଶ୍ରଙ୍କୁ ଏହି ଦଳ ଦାୟିତ୍ୱ ପ୍ରଦାନ କରାଯାଇଛି। ଯାହାକି ଓଡିଶା



ହ୍ୟାଣ୍ଡ୍‌ବଲ୍ ଇତିହାସରେ ନୂଆ ଫର୍ଦ୍ଦ ଯୋଡିଛି। ଗତବର୍ଷ ସେପ୍‌ଟେମ୍ବରରେ ଜୋର୍ଡାନ୍‌ରେ ଅନୁଷ୍ଠିତ ପ୍ରଥମ ଏସୀୟ ଯୁବ ହ୍ୟାଣ୍ଡ୍‌ବଲ୍ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ସ୍ଥାନ ପାଇଥିବା ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଆର୍ଯ୍ୟନ ବ୍ରାହ୍ମଣଙ୍କ ଦ୍ୱାରା ପ୍ରେରିତ ହୋଇ ସ୍ୱସ୍ତିକ ଜଣାଶୁଣା ପ୍ରଶିକ୍ଷକ ଗୌରୀଶଙ୍କର ମିଶ୍ରଙ୍କ ନିକଟରୁ ପ୍ରଶିକ୍ଷଣ ନେଇ ଆଗକୁ ବଢିଛନ୍ତି। ସ୍ୱସ୍ତିକ ଓ ଗୌରୀଶଙ୍କରଙ୍କୁ ଓଡିଶା ହ୍ୟାଣ୍ଡ୍‌ବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂହ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡ୍‌ବଲ୍ ସଂଘ ସମ୍ପାଦକ ପ୍ରଶାନ୍ତ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ଏସୀୟ ମୁଷ୍ଟିଯୁଦ୍ଧ: କ୍ୱାର୍ଟରରେ ପ୍ରୀତି, ଦୀପକ



ଉଲାନବାତର,୩୦।୩: ଭାରତର ପ୍ରୀତି ପାୱାର ଓ ଦୀପକ ଏଠାରେ ଆରମ୍ଭ ହୋଇଥିବା ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ମହିଳା ୫୪ କିଲୋଗ୍ରାମ୍‌ରେ ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ସରେ ସ୍ୱର୍ଣ୍ଣ ବିଜୟୀ ପ୍ରୀତି ୫-୦ରେ କାଜାଖସ୍ତାନର ଏଲିନା ବାଜାରୋଭାଙ୍କୁ ପରାସ୍ତ କରିଥିଲେ। ପୁରୁଷ ୭୦ କିଲୋଗ୍ରାମରେ ବକ୍ସାମ ଏଲିଟ୍ ଇଣ୍ଟରନ୍ୟାସନାଲ୍‌ରେ ରେପ୍ୟ ଜିତିଥିବା ଦୀପକ ୩-୨ରେ ଉଜବେକିସ୍ତାନର ଖାଭାସ୍‌ବେକ୍ ଆସାଦୁଲାଏଭଙ୍କୁ ମାତ୍ ଦେଇଥିଲେ। ପ୍ରଥମ ଦିନରେ ଏହି ଦୁଇ ବିଜୟ ସହ ଭାରତ ଚମତ୍କାର ଆରମ୍ଭ କରିଛି। କ୍ୱାର୍ଟରଫାଇନାଲ୍‌ରେ ପ୍ରୀତି ମଙ୍ଗୋଲିଆର ଏଙ୍ଖଜାର୍ଗାଲ ମୁଙ୍ଗୁନ୍‌ସେଗ୍‌ଙ୍କୁ ଏବଂ ଦୀପକ ଜୋର୍ଡାନ୍‌ର ଜେୟାଦ ଏସାସ୍‌ଙ୍କୁ ଭେଟିବେ। ଅନ୍ୟ ଭାରତୀୟ ମହିଳା ମୁଷ୍ଟିଯୋଦ୍ଧା ନୀଖତ ଜରିନ, ଲଭ୍‌ଲିନା ବଡଗୋହାଇଁ, ଯଶ୍ମିନ ଲମ୍ବୋରିଆ, ଅଙ୍କୁଶିତା ବୋରୋ, ଅରୁନ୍ଧତୀ ଚୌଧୁରୀ ଓ ଆଲ୍‌ଫିୟା ପଠାନ ପ୍ରଥମ ରାଉଣ୍ଡରେ ବାଇ ପାଇଛନ୍ତି।

# କେକେଆର ପାଇଁ ଗ୍ରିନ୍ ବୋଲିଂ କରିବେ ନାହିଁ




ମୁମ୍ବାଇ, ୩୦।୩: ଆଇପିଏଲ୍‌ର ସବୁଠାରୁ ମହଙ୍ଗା ବିଦେଶୀ ଖେଳାଳି କାମେରନ୍ ଗ୍ରିନ ପୁଣି ଥରେ ଚର୍ଚ୍ଚାକୁ ଆସିଯାଇଛନ୍ତି। ଏଥର ତାଙ୍କର ବୋଲିଂ ନ କରିବାକୁ ନେଇ ଚର୍ଚ୍ଚା ହେଉଛି । ପ୍ରଶ୍ନ ଉଠୁଛି ଏତେ ମହଙ୍ଗା ଖେଳାଳି କିଣି ଲାଭ କ'ଣ, ଯିଏକି ଆବଶ୍ୟକ ସମୟରେ ବୋଲିଂ କରିପାରିବେ ନାହିଁ। ତେବ ଏନେଇ ଅଷ୍ଟ୍ରେଲିଆ କ୍ରିକେଟ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ବୟାନ ଜାରି ମଧ୍ୟ କରିଛି।ରବିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସେ ବୋଲିଂ କରିନଥିଲେ। ଏହି ମ୍ୟାଚ୍‌ରେ କେକେଆର୍ ପରାଜୟ ବରଣ କରିବା ପରେ ଯେତେବେଳେ ଅଧିନାୟକ ଅଜିଙ୍କ୍ୟ ରାହାଣେଙ୍କୁ ପ୍ରଶ୍ନ କରାଗଲା ସେ ଅଳ୍ପ ହସି ଜବାବ ଦେଇଥିଲେ, "ଏ ସମ୍ପର୍କରେ ଆପଣ 'କ୍ରିକେଟ୍ ଅଷ୍ଟ୍ରେଲିଆ'କୁ ପଚାରିବା ଉଚିତ୍''। ସେ ଆହୁରି ମଧ୍ୟ କହିଥିଲେ ଯେ "ଦଳ ଭଲ ବ୍ୟାଟିଂ କରୁଛି, କିନ୍ତୁ ବୋଲିଂରେ ଭାରସାମ୍ୟ ହାସଲ କରିବା ଗୁରୁତ୍ୱପୂର୍ଣ୍ଣ। ଆଶା କରାଯାଉଛି ଯେ ଗ୍ରିନ୍ ଖୁବ ଶୀଘ୍ର ବୋଲିଂ କରିବା ଆରମ୍ଭ କରିବେ''।ରାହାଣେଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ହେବା ପରେ 'କ୍ରିକେଟ୍ ଅଷ୍ଟ୍ରେଲିଆ' ବାଧ୍ୟ ହୋଇ ଏକ ବୟାନ ଜାରି କରିଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ ପିଠି ଯନ୍ତ୍ରଣା ଯୋଗୁଁ ଗ୍ରିନ୍‌ଙ୍କୁ ଅଳ୍ପକିଛି ଦିନ ପାଇଁ ବୋଲିଂ ନ କରିବାକୁ ପରାମର୍ଶ ଦିଆଯାଇଛି। ଆଗାମୀ ୧୦-୧୨ ଦିନରେ ସେ ପୁଣି ବୋଲିଂ କରିବା ଆରମ୍ଭ କରିବେ। ଏ ସଂପର୍କରେ କେକେଆର୍‌କୁ ପୂର୍ବରୁ ସୂଚିତ କରାଯାଇଥିଲା। ଗତ ଆଇପିଏଲ ନିଲାମରେ ଗ୍ରିନ୍‌ଙ୍କୁ କେକେଆର୍ ପକ୍ଷରୁ ୨୫.୨ କୋଟିରେ କିଣିଥିଲା।

# ପିଏସ୍‌ଏଲ୍‌ରେ ବଲ୍ ଟାମ୍ପରିଂ ବିବାଦ, ଫଖର ଜମାନ ଅଭିଯୁକ୍ତ

ଲାହୋର,୩୦।୩: ବିବାଦ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ର ପିଛା ଛାଡୁନାହିଁ। ଏବେ ବଲ୍ ଟାମ୍ପରିଂ ଅଭିଯୋଗରେ ଛନ୍ଦି ହୋଇଯାଇଛି ଏହି ଲିଗ୍। ରବିବାର ଲାହୋର କଲନ୍ଦର ଓ କରାଚୀ କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଫଖର ଜମାନ୍ ବଲ୍ ଟାମ୍ପରିଂ କରୁଥିବା ଜଣାପଡ଼ିବା ପରେ ବିବାଦ ଦେଖାଦେଇଥିଲା।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କରାଚୀ ୧୨୮ ରନ୍ କରିଥିଲା । ୧୨୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଲାହୋର ଶେଷ ଓଭରରେ ବିଜୟ ପାଇଁ ୧୪ ରନ୍ ଆବଶ୍ୟକ କରୁଥିଲାବେଳେ କରାଚୀ ପକ୍ଷରୁ ହ୍ୟାରିସ୍ ରୌଫ୍ ବୋଲିଂ କରୁଥିଲେ। ଏହି ସମୟରେ ରୌଫ୍, ଅଧିନାୟକ ଶାହିନ୍ ଆଫ୍ରିଦି ଓ ଫଖର ଜମାନଙ୍କ ମଧ୍ୟରେ ଏକ ସଂକ୍ଷିପ୍ତ ଆଲୋଚନା ହୋଇଥିଲା। ଏହି ଆଲୋଚନା ସମୟରେ ଫଖର୍ ବଲ୍ ଟାମ୍ପରିଂ କରୁଥିବା କ୍ୟାମେରାରେ ଦେଖାଯାଇଥିଲା। ଏହା ଦେଖି ଅମ୍ପାୟାର ଫୈଜଲ୍ ଆଫ୍ରିଦି ବଲ୍‌କୁ ସଂଗ୍ରହ କରି ଯାଞ୍ଚ କରିଥିଲେ ଓ ଅନ୍ୟ ଅମ୍ପାୟାର ସର୍ଫୁଦୋଲ୍ଲାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଉଭୟ ଅମ୍ପାୟାର ଏହି ନିଷ୍ପତ୍ତିରେ ପହଞ୍ଚିଥିଲେ ଯେ ଫଖର ଜମାନ ଜାଣିଶୁଣି ବଲ୍ ଟାମ୍ପରିଂ କରିଥିଲେ। ଏହି କାରଣରୁ କରାଚୀକୁ ପାଞ୍ଚ ପେନାଲ୍ଟି ପଏଣ୍ଟ ପ୍ରଦାନ କରାଯାଇଥିଲା। ଏହା ସହିତ ଶେଷ ଓଭରରେ ଆବଶ୍ୟକ ଥିବା ରନ୍ ସଂଖ୍ୟା ୧୪ ରନ୍‌ରୁ ହ୍ରାସ କରି ୯ ରନ୍ କରାଯାଇଥିଲା। ଲାହୋର ପ୍ରଥମ ତିନୋଟି ବଲ୍‌ରେ ନିଜର ଲକ୍ଷ୍ୟ ହାସଲ କରିନେଇଥିଲା।






# ପାରାଦୀପ କ୍ରିକେଟ ଲିଗ୍ ଉଦଘାଟିତ : ପ୍ରଥମ ମ୍ୟାଚରେ ଶ୍ରୀରାମ ସ୍ପୋର୍ଟିଂ ବିଜୟୀ

ପାରାଦୀପ,୩୦।୩:- ପାରାଦୀପ କ୍ରିକେଟ ଲିଗ (ପିସିଏଲ୍) ଶନିବାର ଦିନ ମହା ସମାରୋହରେ ଉଦଘାଟିତ ହୋଇଯାଇଛି। ଏହି କ୍ରିକେଟ ପ୍ରତିଯୋଗିତା ପାରାଦୀପ କ୍ରିକେଟ ଲିଗ୍ (ପିସିଏଲ୍)-୪ ର ଉଦ୍ଘାଟନୀ ମ୍ୟାଚ୍‌ରେ ଡିକେଟି ଷ୍ଟାର୍ସ ଓ ଶ୍ରୀରାମ ସ୍ପର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିଣି ଶ୍ରୀରାମ ସ୍ପର୍ଟିଂ ବୋଲିଂ ନିଷ୍ପତ୍ତି ନେଇଥିଲା। ଡିକେଟି ଷ୍ଟାର୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୧୧୩ ରନ୍ ସଂଗ୍ରହ କରିଥିଲା। ଉକ୍ତ ଦଳର ପ୍ରମୁଖ ବ୍ୟାଟସମ୍ୟାନ ଶାଶ୍ୱତ ମହାନ୍ତି ଦୃତ ଓ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ। ସେ ଉଭୟ ବ୍ୟାଟିଂ ଓ ବୋଲିଂ ରେ କମାଲ କରିଥିଲେ। ବ୍ୟାଟିଂ କରି ୩୫ ରନ କରିବା ସହ ୪ ଓଭର ବୋଲିଂ କରି ୨୧ ରନ ଦେବା ସହ ୩ ଟି ୱିକେଟ ନେଇଥିଲେ। ଏହାର ଜବାବରେ ଶ୍ରୀରାମ ସ୍ପର୍ଟିଂ ଦଳ ବିଜୟ ଲକ୍ଷ୍ୟକୁ ପିଛା କରି ୧୯.୦୧ ଓଭର ରେ ୧୧୯ ରନ କରି ବିଜୟୀ ହୋଇଥିଲା।

ଶ୍ରୀରାମ ସ୍ପୋର୍ଟିଂ ର ଅଧିନାୟକ ଅମିତ ସାହୁ ୩୨ ବଲରେ ୩୫ ରନ କରିଥିଲେ। ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ଭାବେ ଆଲୋକ କୁମାର ବାରିକ ଉଭୟ ବୋଲିଂ ଓ ବ୍ୟାଟିଂ ରେ ଉତ୍ତମ ପ୍ରଦର୍ଶନ କରିଥିଲେ। ସେ ୧୭ ବଲ ଖେଳି ୧୨ ରନ କରିବା ସହ ୪ ଓଭର ବୋଲିଂ କରି ୨୪ ରନ ବ୍ୟୟ କରିବା ସହ ୩ ୱିକେଟ ନେଇଥିଲେ। ଉକ୍ତ ମ୍ୟାଚ୍ କୁ ପରିଚାଳନା କରିଥିଲେ ରବିନ୍ଦ୍ର ରାଉତ ଓ ଦେବେନ୍ଦ୍ର ନାୟକ।ପିସିଏଲ ୨୦୨୬ ଚତୁର୍ଥ ସଂସ୍କରଣ ଉଦଘାଟନୀ ଦିବସ ସ୍ଥାନୀୟ ଏନଏସି ଗ୍ରାଉଣ୍ଡ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉଦ୍ଘାଟନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ସିଏମଇ ସୁଶିଲ ଚନ୍ଦ୍ର ନାହାକ ଓ ମେରାଇନ ପରାମର୍ଶଦାତା ବଲ୍ଲଭ ସିକଦର, ପ୍ରସିଦ୍ଧ ଗଲ୍ଫ ଖେଳାଳି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଉକ୍ତ କ୍ରିକେଟ ମହାସମରରେ ଶ୍ରୀରାମ ସ୍ପର୍ଟିଂ,ଡିକେଟି ଷ୍ଟାର,ବାବା ସାଇ ଡାଇମଣ୍ଡିଆନସ,ଯେସିସି ୱାରିୟର୍ସ, ମହାକାଳ ୱାରିୟର୍ସ, ପାରାଦୀପ ସୁପର କିଙ୍ଗସ,ଜିଡିସି ବ୍ଲାଷ୍ଟର୍ସ ଓ ଜିପିସିଆଇ ହିରୋସ ଭାଗ ନେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ କ୍ରିକେଟ ଲିଗ୍ ସଭାପତି ଅକ୍ଷୟ ସୂତାର,କାର୍ଯ୍ୟକାରି ସଭାପତି ଧର୍ମେନ୍ଦ୍ର ପତି,ସମ୍ପାଦକ ଜୁନିତ କୁମାର ଦାସଙ୍କ ସମେତ ଅଧିର ସାହୁ,ଭରଦ୍ୱାଜ ସାହୁ,ଉତ୍କଳ ରାଉତ,ତୁଷାର ପ୍ରଧାନ,ଶୁଭ ରଞ୍ଜନ ପ୍ରଧାନ,ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମେରାଇନ ରୋଡ ହନୁମାନ ମନ୍ଦିର ରୁ ଏକ ବିରାଟ ଶୋଭାଯାତ୍ରା ପଡିଆ ପର୍ଯ୍ୟନ୍ତ ଆସିଥିଲା। ଚଳିତ ମାସ ୧୬ ତାରିଖ ରେ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k